### ସିଏସ୍ଓ ଓ ଯୋଗାଣ ନିରୀକ୍ଷକଙ୍କ ଜାଲ୍ ଦସ୍ତଖତ କରି କେଲେଙ୍କାରୀ ଘଟଣା

# ମା’ ତାରିଣୀ ରାଇସ୍ ମିଲ୍ ଜାଲ୍ ଦସ୍ତଖତ ଦ୍ୱାରା ଅନୁଗୃହୀତ



ଛତ୍ରପୁର,୮ ।୭(ସମିସ)

ଗଞ୍ଜାମ ଜିଲ୍ଲା ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତକୁ ଜାଲିଆତି କରି ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା’ ତାରିଣୀ ରାଇସ୍ ମିଲ୍‌କୁ ଡିପରେ ଚାଉଳ ପୈଠ କରିବାକୁ ଡେଲିଭରି ସାର୍ଟିଫିକେଟ୍ ପ୍ରଦାନ ଘଟଣା ଏବେ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଥରେ ନୁହଁ ବାରମ୍ବାର ଉକ୍ତ ରାଇସ୍ ମିଲ୍‌କୁ ହିଁ ଏହିପରି ଡେଲିଭରି ସାର୍ଟିଫିକେଟ୍ ମିଳୁଥିବା ଘଟଣା ଗଞ୍ଜାମ ଜିଲ୍ଲାଠୁ ନେଇ ରାଜ୍ୟ ପର୍ଯ୍ୟନ୍ତ ଚହଳ ପକାଇଛି। ଜଣେ ନୁହେଁ ଦୁଇ ଦୁଇ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତକୁ ତଞ୍ଚକତା କରି ବ୍ଲକଠାରୁ ଜିଲ୍ଲା ଅଫିସ ପର୍ଯ୍ୟନ୍ତ ସାମ୍ରାଜ୍ୟ ଚଲାଇ ଆସୁଛନ୍ତି। ପୂର୍ବରୁ ମଧ ଏଭଳି ଜାଲିଆତିକୁ ଯୋଗାଣ ବିଭାଗ ଆଖି ବୁଜି ଦେଇଥିବା ବେଳେ ଏବେ ଘଟଣା ସାଙ୍ଘାତିକ ହେବାରୁ ଯୋଗାଣ ବିଭାଗର ନିଦ ହଜିଯାଇଛି। ଏହି ଘଟଣାକୁ ନେଇ ଏବେ ରାଜ୍ୟସ୍ତରରୁ ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲାର ଏଭଳି ଘଟଣା ସମ୍ପର୍କରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଜାଣିବା ପରେ ମା’ ତାରିଣି ରାଇସ୍ ମିଲ୍ ଡିପରେ ଚାଉଳ ପୈଠକୁ ବାତିଲ କରିଛନ୍ତି। କାର୍ଯ୍ୟାଳୟରେ ଜାଲିଆତି କାର୍ଯ୍ୟକଳାପରେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନେଇଛନ୍ତି। ଏ ସଂକ୍ରାନ୍ତରେ ଗତ ୨ ତାରିଖରେ ସେ ଓଡିଶା ରାଜ୍ୟ ଯୋଗାଣ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ଏହି ପତ୍ର ମାଧ୍ୟମରେ ବିଭିନ୍ନ ଜାଲି ନଥିପତ୍ର ମଧ ସଂଲଗ୍ନ କରାଯାଇଥିଲା। ଗଞ୍ଜାମ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଭିଯୋଗ ଅନୁସାରେ ୨୦୨୪-୨୫ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ମା’ ତାରିଣୀ ରାଇସ୍ ମିଲ ଡିପରେ ଚାଉଳ ପୈଠ କରିବାକୁ ଯେଉଁ ଜାଲ୍ ପ୍ରମାଣପତ୍ର ପାଇଛନ୍ତି ତାହା କିଏ ଏବଂ କେଉଁ ପ୍ରକାରେ ପ୍ରାପ୍ତ କରିଛନ୍ତି ତାହାର ଟିକିନିଖି ତଦନ୍ତ କରିବା ନିମନ୍ତେ ରାଜ୍ୟ (ଧାନ ସଂଗ୍ରହ) ମହାପ୍ରବନ୍ଧକଙ୍କ ତରଫରୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରୋଜେକ୍ଟ ମ୍ୟାନଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁସାରେ, ବାରମ୍ବାର ମା’ ତାରିଣୀ ନାମକ ଗୋଟିଏ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍ ମାଲିକକୁ ଏଭଳି ଚାଉଳ ପୈଠ ପାଇଁ ଡେଲିଭରି ସାର୍ଟିଫିକେଟ୍ ମିଳୁଥିବା ନେଇ ଅନ୍ୟ ରାଇସ୍ ମିଲ୍ ମାନଙ୍କ ମଧରେ ଭାଳେଣି ପଡିଆସୁଥିଲା। ଗୋଟିଏ ରାଇସ୍ ମିଲ୍‌କୁ ଡିପରେ ଚାଉଳ ପୈଠ କରିବାକୁ ହେଲେ ସେ ପ୍ରଥମେ ଯୋଗାଣ ନୀରିକ୍ଷକଙ୍କ ଠାରୁ ଏକ ଅନୁସନ୍ଧାନ ସାର୍ଟିଫିକେଟ୍ ଆଣିବାକୁ ହେବ ଏବଂ ପରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଠାରୁ ଡେଲିଭରି ସାର୍ଟିଫିକେଟ୍ ମିଳିବା ପରେ ଡିପୋରେ ସଂପୃକ୍ତ ରାଇସ୍ ମିଲ୍ ଚାଉଳ ପୈଠ କରିବାକୁ ଅନୁମତି ମିଳିବ। କିନ୍ତୁ ଏଠି ଯୋଗାଣ ନୀରିକ୍ଷକ ଏବଂ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଜ୍ଞତାସାରରେ ମା’ ତାରିଣୀ ରାଇସ୍ ମିଲ୍‌କୁ ଡିପୋରେ ଚାଉଳ ପୈଠ ପାଇଁ ଅନୁମତି ମିଳିଥିଲା। ହସ୍ତଗତ ହୋଇଥିବା ଡେଲିଭରି ସାର୍ଟିଫିକେଟ୍‌ରେ ୧୩ ହଜାର ୯୨୦ ବ୍ୟାଗ୍ ତଥା ୬୯୬୦ କ୍ୱିଣ୍ଟାଲ ଚାଉଳ ଡିପରେ ପୈଠ ପାଇଁ ଅନୁମତି ଥିଲା। ବିନା ସୀକୃତି ତଥା ଜାଲିଆତି କରି ଡିପୋରେ ଚାଉଳ ପୈଠ କରିବାକୁ ହସ୍ତଗତ ହୋଇଥିବା ପ୍ରମାଣପତ୍ର କିପରି କେଉଁଠି ଏବଂ କିଏ ପ୍ରଦାନ କରିଥିଲା ଏହାର ର୍‌ୟାକେଟ୍ ଖୋଜି ବାହାର କରିବାକୁ ଜିଲ୍ଲାଠୁ ରାଜ୍ୟ ପର୍ଯ୍ୟନ୍ତ ଅଧିକାରୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ୍ ରହିଛି। ଯୋଗାଣ ବିଭାଗର ମୁଖ୍ୟ ଜିଲ୍ଲା ଦପ୍ତରରେ ଯଦି ସିଏସଓଙ୍କ ଡିଜିଟାଲ ଦସ୍ତଖତକୁ ଜାଲିଆତି କରାଯାଇ ଡେଲିଭେରୀ ସାର୍ଟିଫିକେଟ ପ୍ରଦାନ କରାଯାଇପାରୁଛି, ତେବେ ଶହ ଶହ କୋଟି ଟଙ୍କାର କାରବାର ହେଉଥିବା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ କେତେ ଦୂର ସୁରକ୍ଷିତ, ଏ ବାବଦରେ ଟିକନିଖି ତଦନ୍ତ କରି ରାଜ୍ୟ ସରକାର ସମସ୍ତ ଦୋଷୀଙ୍କୁ ଲୋକ ଲୋଚନ ଆଣିବାକୁ ସାଧାରଣରେ ଦାବି ହୋଇଛି।

- ବିନା ଅନୁସନ୍ଧାନ ରିପୋର୍ଟରେ ଡେଲିଭରୀ ସାର୍ଟିଫିକେଟ୍ କିପରି ମିଳିଲା
- ପୂର୍ବରୁ ମଧ ଏଭଳି ଜାଲିଆତିକୁ ନେଇ ଯୋଗାଣ ବିଭାଗ ନିରବଦ୍ରଷ୍ଟା

## ଡ୍ରାଇଭର ସଂଘର ଆନ୍ଦୋଳନ; ଅଖ ଚକ ଜାମ୍



ଆସିକା,୮ ।୭(ସମିସ): ୭ଦଫା ଦାବି ନେଇ ସାରା ରାଜ୍ୟରେ ଡ୍ରାଇଭର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ବୋର୍ଡରେ ସାମିଲ, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ିଗୁଡ଼ିକ ପାର୍କିଂ ଓ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା ଓ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା ଦାବି କରିଛି।

ଆସିକା ଡ୍ରାଇଭର ସଙ୍ଘ ପକ୍ଷରୁ ମଧ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ଫଳରେ ଆସିକା ଦେଇ ବ୍ରହ୍ମପୁର -ଆସିକା, ବ୍ରହ୍ମପୁର -ସମ୍ବଲପୁର, ଆସିକାରୁ ସୋରଡ଼ା ଦେଇ ଯାଉଥିବା ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛି। ସେହିପରି ଟ୍ୟାକ୍ସି, ପାସେଞ୍ଜର ଅଟୋ, ଟ୍ରକ ଭଳି ସବୁ ଭାରି ଯାନ ଚାଳକମାନେ ଶାନ୍ତି ଶୃଙ୍ଖଳା ସହ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ମଧ୍ୟାହ୍ନରେ ବିଜୁ ପଟ୍ଟନାୟକ ଛକରୁ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଏକ ବାଇକ ରାଲିରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ବେଲଗୁଣ୍ଠାରେ ଚାଲିଥିବା ଆନ୍ଦୋଳନକୁ ଉପସଭାପତି ସନ୍ତୋଷ




କୁମାର ଡାକୁଆ, ଆଡମିନ ପ୍ରସନ୍ନ କୁମାର ବିଷୋୟୀ, କୋଷାଧ୍ୟକ୍ଷ ବୁଲୁ ବିଷୋୟୀ, ସମ୍ପାଦକ ଚିନ୍ତାମଣି ବିଷୋୟୀ, ସହସମ୍ପାଦକ ଭିକାରୀ ନାୟକ, ଉପଦେଷ୍ଟା ଉତ୍ତମ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

**ସୋରଡ଼ା:** ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ସୋରଡ଼ା ଅଞ୍ଚଳର ଘରୋଇ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଏହା ସହିତ ଛୋଟ ବଡ଼ ଯାନ ବନ୍ଦ ହେତୁ ଲୋକଙ୍କ ବହୁତ ଅସୁବିଧା ହୋଇଥିଲା। ଗ୍ରାମାଞ୍ଚଳ ଲୋକେ ଲକ୍ଷ୍ମୀ ବସ ବା ମୁଖ୍ୟମନ୍ତ୍ରୀ ବସ ସେବା ଉପରେ ନିର୍ଭର ହେବାକୁ ପଡିଥିବା ବେଳେ ମାତ୍ର ତିନିଟି ସରକାରୀ ବସ୍ ଉପରେ ନିର୍ଭର କରି ଜିଲ୍ଲା ମୁଖ୍ୟାଳୟ ଓ ଜିଲ୍ଲା ବାହାର ପାଇଁ ଅପେକ୍ଷା ସହିତ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ବସ ସେବା ଦ୍ୱାରା କିଛି ଦିନ ଚାଲି ବନ୍ଦ ରହିଥିବା ରାଜଧାନୀରୁ ଦାରିଙ୍ଗବାଡି ବସ ବନ୍ଦ ହେତୁ ସରକାରଙ୍କୁ ନିନ୍ଦା କରିଛନ୍ତି। ୬ଦଫା ଦାବି ସମୂହର ତୁରନ୍ତ ସମାଧାନ ନେଇ ସୋରଡ଼ା ଅଞ୍ଚଳର ମହାସଂଘ କର୍ମୀ ଗୋପାଳ କୃଷ୍ଣ ପଟ୍ଟନାୟକ ଓ ଅଚିତ ସେଠୀ ଜଣାଇଥିଲେ।

## ବାଇକ୍ ସହ ଦେଶୀମଦ ଜବତ; ୨ ଗିରଫ

ବୁଗୁଡା,୮ ।୭(ସମିସ): ସ୍ଥାନୀୟ ଅବକାରୀ ଥାନା ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇ ଗୋଟିଏ ବାଇକ ଏବଂ ୧୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ହେଲେ ଆଦିପୁର ଗ୍ରାମର ଲଡ୍ଡୁ କିଶୋର ଜେନା ଓ ସମୀର ସାହୁ। ଆଜି ସକାଳେ ଲଡ୍ଡୁ କିଶୋର ବାଇକରେ ମଦ ଧରି ବି.ବ୍ରହ୍ମପୁର ଗାଁ ଛକରେ ଥିବାବେଳେ ଅବକାରୀ ପୁଲିସ ଚଢ଼ଉ କରି ବାଇକ ସହ ୭୦ ଲିଟର ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଆଦିପୁର ଗ୍ରାମରେ ଚଢ଼ଉ କରି ସମୀରଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ ସହ ତାଙ୍କୁ ଗିରଫ କରିଥିଲା। ଏନେଇ ବୁଗୁଡା ଅବକାରୀ ଥାନା ପକ୍ଷରୁ ଲଡ୍ଡୁଙ୍କ ବିରୁଧରେ ନଂ.୪୮/୨୫ ଏବଂ ସମୀରଙ୍କ ବିରୁଦ୍ଧରେ ନଂ.୪୯/୨୫ରେ ମାମଲା ରୁଜୁ କରାଯାଇଛି।

## ନଦୀରେ ବୁଡ଼ି ବୃଦ୍ଧ ମୃତ

ପୁରୁଷୋତ୍ତମପୁର,୮ ।୭(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡରଖଲି ଗ୍ରାମ ନିକଟ ଋଷିକୂଲ୍ୟା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଣ୍ଡରଖଲି ଗ୍ରାମର ବନ ଗୌଡ଼(୭୭)। ରବିବାର ସନ୍ଧ୍ୟାରେ ନଦୀକୁ ସେ ସ୍ନାନ ଶୌଚ ପାଇଁ ଯାଇ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ ସୋମବାର ପୁରୁଷୋତ୍ତମପୁର ଥାନାରେ ନିଖୋଜ ନେଇ ଜଣାଇଥିଲେ। ତେବେ ମଙ୍ଗଳବାର ସକାଳେ ଗ୍ରାମର କିଛି ଲୋକ ନଦୀରେ ଗାଧୋଇବା ବେଳେ ଏକ ଶବ ଭାସୁଥିବା ଦେଖି ପରିବାରରେ ଖବର ଦେଇଥିଲେ। ପୁଅ ବାବୁ ଗୌଡ଼ ପହଞ୍ଚି ବାପାର ଶବକୁ ଚିହ୍ନଟ କରିଥିଲେ। ଏସ୍ଆଇ ସୁଶାନ୍ତ କୁମାର ମିଶ୍ର ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ କହିଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ଛତ୍ରପୁର,୮ ।୭(ସମିସ): ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିଆବାଲି ଛକରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପି. ଶ୍ରୀନିବାସ। ତାଙ୍କ ଘର ଆନ୍ଧ୍ରପ୍ରଦେଶ ବୋଲି ଜଣାପଡିଛି। ମୃତ ଶ୍ରୀନିବାସ ରାସ୍ତା ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରରୁ ବେଗୁନିଆପଡା ଯାଉଥିବା ଏକ ଗାଡିନଂ(ଓଡି୦୨ଏନ-୨୩୧୮) ଧକ୍କା ଦେଇଥିଲା। ଖବର ପାଇ ଚମାଖଣ୍ଡି ଥାନା ଏସ୍ଆଇ ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଏଏସ୍ଆଇ ସୁଧୀର ଦୁପଟା ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକକୁ ବ୍ରହ୍ମପୁର ମେଡିକାଲ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସମାଜସେବୀଙ୍କୁ ‘ପ୍ରକୃତି ବନ୍ଧୁ’ ପୁରସ୍କାର



କୋଦଳା,୮ ।୭(ସମିସ): ବେଗୁନିଆପଡା ବ୍ଲକ ଅଙ୍ଗାର ଗାଁ ପଞ୍ଚାୟତର ନୂଆଗଡ ଗ୍ରାମର ଯୁବ ସମାଜସେବୀ ଟୁକୁନା ପ୍ରଧାନ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଛତ୍ରପୁର ବ୍ଲକର ସିନ୍ଦୁରପଲ୍ଲୀ ସ୍ଥିତ ସୁନ୍ଦରବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୨୨ ଜଣଙ୍କୁ ଏହି ପୁରସ୍କାର ଦିଆଯାଇଥିବା ବେଳେ ବେଗୁନିଆପଡା ବ୍ଲକରୁ ଶ୍ରୀ ପ୍ରଧାନ ଏହି ପୁରସ୍କାର ପାଇଛନ୍ତି। ବରିଷ୍ଠ ଶିକ୍ଷକ ଶଙ୍କର ନାରାୟଣ ବେଜଙ୍କ ପରିଚାଳନା ଓ ଡିଏଫଓ ସନି ଖୋକରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରସିସିଏଫ ଡ଼ଃ ବିଶ୍ୱନାଥ ନୀଳାମ୍ବର ଯୋଗଦେଇଥିବା ବେଳେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ, ବ୍ରହ୍ମପୁର ସାଉଥ ଡିଏଫଓ ବିପାସ ପାଉଲ୍, ଘୁମୁସର ଡ଼ିଏଫଓ ଉତ୍ତର ବନ ଖଣ୍ଡ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ଟୁକୁନା ପ୍ରଧାନ ୭ ହଜାରରୁ ଅଧିକ ଗଛ ଲଗାଇବା ସହ ବୃକ୍ଷରୋପଣ ଦିଗରେ ସଚେତନତା ସୃଷ୍ଟି ସହ ରକ୍ତ ଦାନ ଉପରେ ସଚେତନତା ସୃଷ୍ଟି କରିଛନ୍ତି।

## ବଙ୍ଗୀୟ ଯୁବକଙ୍କୁ ହତ୍ୟା ମାମଲାରେ କିନ୍ନରଙ୍କ ସମ୍ପୃକ୍ତି ସନ୍ଦେହ

ବ୍ରହ୍ମପୁର,୮ ।୭(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ-ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ରେଳଧାରଣା ପାଶ୍ୱର୍ରେ ପଶ୍ଚିମବଙ୍ଗର ଯୁବକ ଅଶ୍ରୁଧିନ ଟପ୍ପୋ(୩୫)ଙ୍କୁ ହତ୍ୟାପରେ ଗଛରେ ଝୁଲାଇ ଦିଆଯାଇଥିଲା। ଗତ ମେ’ ୮ ମଧ୍ୟାହ୍ନରେ ଘଟଣାସ୍ଥଳରୁ ତଥା ଜେଲରୋଡ ଶେଷମୁଣ୍ଡରେ ଥିବା ଚା’ ଦୋକାନ ପଛପାଖରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଶବ ଝୁଲୁଥିବା ଲୋକ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୋବାଇଲ, ମନିପର୍ସ, ଆଧାରକାର୍ଡ ଓ ଅନ୍ୟଏକ ପରିଚୟପତ୍ର ଜବତ କରିଥିଲା। ଜବତ କାଗଜପତ୍ରରୁ ମୃତ ଯୁବକ ପଶ୍ଚିମବଙ୍ଗ ନିଉ ଜଲପାଇଗୁଡି ଅଞ୍ଚଳର ଅଶ୍ରୁଧିନ ଟପ୍ପୋ ବୋଲି ଜଣାପଡ଼ିଥିଲା। ପାରିପାଶ୍ୱିର୍କ ସ୍ଥିତିରୁ ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିବା ଜଣାପଡିଥିଲା। ଏନେଇ ବୈଦ୍ୟନାଥପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଅଧିକ ତଦନ୍ତ ପାଇଁ ପୁଲିସ ପଶ୍ଚିମବଙ୍ଗରେ ମୃତ ଅଶ୍ରୁଧିନଙ୍କ ଗାଁକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି। ଅଶ୍ରୁଧିନଙ୍କ ହତ୍ୟା ପଛରେ କିଛି କିନ୍ନରଙ୍କ ସମ୍ପୃକ୍ତି ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ବେଳେ ହତ୍ୟାକାରୀଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

### ● ୩ ଭାରତୀୟଙ୍କୁ ଅପହରଣ ଘଟଣା

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

ଛତ୍ରପୁର,୮ ।୭(ସମିସ): ଗତମାସ ୩୦ ତାରିଖରେ ପଶ୍ଚିମ ଆଫ୍ରିକାର ଏକ ସିମେଣ୍ଟ କାରଖାନା ଉପରେ ଆତଙ୍କବାଦୀମ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରି ନେଇଥିଲେ। ଯୁବକଙ୍କ ମଧରେ ତାମିଲନାଡୁର ଜଣେ, ଆନ୍ଧ୍ରପ୍ରଦେଶର ଜଣେ ଥିବାବେଳେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସମରଝୋଳ ଗ୍ରାମର ପି. ଭେଙ୍କଟ ରମଣ ଅଛନ୍ତି। ଭେଙ୍କଟ ରମଣ ଗତବର୍ଷ ନଭେମ୍ବର ମାସରେ ସେଠାକୁ ଯାଇଥିଲେ। ଘଟଣା ଦିନ ପ୍ରଥମେ କମ୍ପାନୀ ପକ୍ଷରୁ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା କୁହାଯାଇଥିଲା। ତେବେ ପରେ ତାଙ୍କୁ ଅପହରଣ କରାଯାଇଥିବା ଜଣାପଡ଼ିଥିଲା। ମଙ୍ଗଳବାର ତାଙ୍କ ପରିବାର ସଦସ୍ୟ ଗଞ୍ଜାମ ଜିଲ୍ଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଶୀଘ୍ର ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଗଞ୍ଜାମ ପ୍ରଶାସନ ଓ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଆଶ୍ୱାସନା ଦେଇଥିଲେ। ପ୍ରଶାସନ ସେଠାକାର ଆମ୍ବାସୀ ସହ ଯୋଗାଯୋଗରେ ଅଛି ପ୍ରତି ମୁହୁର୍ତ୍ତରେ କ’ଣ ସବୁ ଡେଭଲପମେଣ୍ଟ ହେଉଛି ତାହା ଆମେ ଜାଣୁଛୁ, ଏହା ସହ ପରିବାର ସହ ଯୋଗାଯୋଗରେ ଅଛୁ, ଯଥାଶ୍ରୀଘ ଏହି ମାମଲା ସମାଧାନ ପାଇଁ ପ୍ରଶାସନ ଚେଷ୍ଟା ଜାରି ରଖିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବଳାତ୍କାରୀକୁ ୭ ବର୍ଷ ଜେଲ୍

ଭଞ୍ଜନଗର,୮ ।୭(ସମିସ): ବେଲଗୁଣ୍ଠା ଭଗବତପାଟଣା ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୭ ବର୍ଷ ଜେଲ୍। ଭଞ୍ଜନଗର ଅତିରିକ୍ତ ସେସନ୍ସ ଜଜ୍ ଦେବାଶିଷ ବିଷୋୟୀ ମଙ୍ଗଳବାର ଏହି ଘଟଣାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଚିତ୍ରସେନ ବରାଡ଼ଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ମାନ୍ୟବର କୋର୍ଟ। ଏନେଇ ସରକାରୀ ଓକିଲ ଦିବାକର ନାୟକ କହିଛନ୍ତି। ଗତ ୧୪ ଜାନୁଆରୀ ୨୦୦୮ ରେ ବେଲଗୁଣ୍ଠା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀକୁ ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚିତ୍ରସେନ ବଳାତ୍କାର କରିଥିଲେ। ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇ ସେଠାରୁ ଖସି ଯାଇଥିଲେ। ଫଳରେ ପୀଡିତା ଜଣକ ମୁହଁ ବନ୍ଦ ରଖିଥିଲେ। ପରେ ପୀଡିତାଙ୍କ ହାବଭାବ ଦେଖି ପରିବାର ଲୋକେ ତାକୁ ବାଧକରି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଫଳରେ ଜାନୁଆରୀ ୨୦ରେ ପୀଡିତାଙ୍କ ପରିବାର ପକ୍ଷରୁ ଭଞ୍ଜନଗର ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରିଥିଲେ। ଏନେଇ ଭଞ୍ଜନଗର ସେସନ୍ସ ଜଜ୍‌ଙ୍କ କୋର୍ଟରେ ମାମଲା ରୁଜୁ କରାଯାଇ ବିଚାର ଆରମ୍ଭ ହୋଇଥିଲା। ମାନ୍ୟବର କୋର୍ଟ ମୋଟ ୧୪ ଜଣ ସାକ୍ଷୀଙ୍କ ମଧ୍ୟରୁ ୧୧ ଜଣ ସାକ୍ଷୀଙ୍କ ବିଚାର କରି ସେମାନଙ୍କ ବୟାନ ଆଧାରରେ ଅଭିଯୁକ୍ତ ଚିତ୍ରସେନ ବରାଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ମୋଟ ୨୦ ହଜାର ଟଙ୍କା ଜରିମାନା ଓ ଏହା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଦଫା ୪୫୦ ପ୍ରକାରେ ୩ବର୍ଷ ଜେଲ ଦଣ୍ଡ ଓ ୧୦ହଜାର ଟଙ୍କା ଜରିମନା ଓ ଏହା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଓ ଦଫା ୫୦୬ ପ୍ରକାରେ ୨ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବା ଏପିପି ଦିବାକର ନାୟକ ସୂଚନା ଦେଇଛନ୍ତି।

### ସ୍କୁଲ ତାଲା ଭଙ୍ଗାଯିବା ଘଟଣା

## ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଆନ୍ଦୋଳନ



ଖଲ୍ଲିକୋଟ,୮ ।୭(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ପଥରା ତଳ ସାହି ପ୍ରାଥମିକ ବିଦ୍ୟାଳୟରେ ଗତ ୧ ତାରିଖରେ ଗେଟ୍‌ର ତାଲା ଭଙ୍ଗା ଯିବା ଘଟଣାରେ କ୍ଷୁବ୍ଧ ହୋଇଛନ୍ତି ଗ୍ରାମବାସୀ। ବିଦ୍ୟାଳୟର ଚାବି କୁଆଡେ ଗଲା ଓ କାହିଁକି ପିଲାମାନେ ଦୀର୍ଘ ଏକ ଘଣ୍ଟା ବାହାରେ ବସିଲେ ତାହାର କୈଫିୟତ ମାଗିଛନ୍ତି ଗ୍ରାମବାସୀ। ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆସି ବହୁ କଷ୍ଟରେ ତାଲା ଭାଙ୍ଗିବା ଘଟଣା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ତେଣୁ ଏହିସବୁ ଘଟଣାର ଉଚିତ ତଦନ୍ତ କରି ଦୋଷୀ



### ସପ୍ତାହେ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ

ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଗ୍ରାମବାସୀ। ଏହି ଦାବିରେ ଗତ ୨ ତାରିଖରୁ ସ୍କୁଲକୁ ପିଲା ମାନଙ୍କୁ ଛାଡୁ ନାହାନ୍ତି ଅଭିଭାବକ। ଫଳରେ ଏଠାରେ କାର୍ଯ୍ୟରତ ୪ ଜଣ ଶିକ୍ଷୟିତ୍ରୀ ସ୍କୁଲକୁ ଆସି ମୋବାଇଲ ଫୋନ ଦେଖି ଦେଖି ଘରକୁ ଫେରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨ ତାରିଖରୁ ସ୍କୁଲକୁ ପିଲା ଆସୁ ନଥିବାରୁ ମଧ୍ୟାହ୍ନ ଭୋଜନ ମଧ ବନ୍ଦ ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପଥରା ତଳସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାଳଙ୍କ ଗତମାସ ୩୦ ତାରିଖ ଥିଲା ଶେଷ କାର୍ଯ୍ୟ ଦିବସ। ୧ ତାରିଖ ଦିନ ୧୦ଟାରେ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଆସି ଗେଟରେ ତାଲା ପଡ଼ିଥିବା ଦେଖି ବାହାରେ ବସିଥିଲେ। ପ୍ରାୟ ଘଣ୍ଟାଏ ବାହାରେ ବସିବା ପରେ ଖବର ପାଇ ଦିନ ୧୧ଟାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାଳ ସ୍କୁଲରେ ପହଞ୍ଚିଥିଲେ। ସେ ଚାବି ସହକାରୀ ଶିକ୍ଷୟିତ୍ରୀଙ୍କୁ ଦେଇ ଯାଇଥିବା କହିଥିଲେ ମଧ ଶିକ୍ଷୟିତ୍ରୀ ଜଣକ ଏହାକୁ ଅସ୍ୱୀକାର କରିଥିଲେ। ତେବେ ଚାବି ନ ପାଇ ଶେଷରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଜେ ପଥର ଓ ଲୁହା ରଡ଼ ଦ୍ୱାରା ତାଲା ଭାଙ୍ଗିଥିଲେ। ତାପରେ ଦୀର୍ଘ ଦେଢ଼ ଘଣ୍ଟା ପରେ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ଭିତରେ ପ୍ରବେଶ କରିଥିଲେ। ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିରେ ଗତ ୨ ତାରିଖରୁ ପିଲାମାନଙ୍କୁ ସ୍କୁଲକୁ ଛାଡୁ ନାହାନ୍ତି। ଏଥିସହ ସେମାନେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନଙ୍କ ଉପରେ ଅସନ୍ତୋଷ ଥିବାରୁ ତୁରନ୍ତ ସେମାନଙ୍କୁ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଗତ ୧ ତାରିଖରୁ ବିଦ୍ୟାଳୟରେ ଏତେ ସବୁ ଘଟଣା ଘଟି ଯାଇଥିଲେ ମଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ କିଛି ଜାଣି ନଥିବା କହିଛନ୍ତି। ସେ ଖୁବଶୀଘ୍ର ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସିଆରସିସି ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଗତକାଲି ବିଦ୍ୟାଳୟ କମିଟି, ଗ୍ରାମ୍ୟ କମିଟିର ମୁଖ୍ୟ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ କୌଣସି ସମାଧାନ ହୋଇ ପାରିନଥିଲା। ଏକ ୫ ଜଣିଆ ପ୍ରତିନିଧି ଦଳ ଆଜି ବିଇଓ ଅଫିସକୁ ଆସି ଆଲୋଚନା କରିବାକୁ ନିଷ୍ପତି ହୋଇଥିଲା। କିନ୍ତୁ ଆଜି କେହି ଆସିଲେ ନାହିଁ ବୋଲି ସେ କହିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୬ ମୁରଲୀଧର ରଥ
ବର୍ଷୀୟାନ ଜନନେତା
ଚାନ୍ଦପୁର, ମୁଦୁପୁର, ପଟିଲୋ,ଜଗତସିଂହପୁର
ଆବିର୍ଭାବ - ୨୦.୦୨.୧୯୩୪
ତିରୋଧାନ - ୨୮.୦୬.୨୦୨୫

“ ତୁମ ମର ଦେହ ସିନା ଚୁମିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଚିର ଆୟୁଷ୍ମାନ୍
ଧର୍ମ ପଥେ କର୍ମ ପଥେ ଗୁରୁ ଗରୀୟାନ
ପ୍ରାଣର ପ୍ରେରଣା ତୁମେ ଅଭୁଲା ଅମ୍ଳାନ
ଦିବ୍ୟ ତୁମେ ଲଭ୍ୟ ତୁମେ ଚିର ଦୀପ୍ତିମାନ
ମାଟିର ସରଗ ତୁମେ ଘେନ ହେ ପ୍ରଣାମ। ”

ଶୋକସନ୍ତପ୍ତ : ରଥ ପରିବାର ଓ ଆତ୍ମୀୟ ସ୍ୱଜନ

● ୧୧ରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

## ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ଷ୍ଟିୟରିଂ କମିଟିର ବୈଠକ



ବ୍ରହ୍ମପୁର,୮।୭(ସମିସ): କଂଗ୍ରେସ ଗଞ୍ଜାମ ଜିଲ୍ଲା କାର୍ଯ୍ୟାଳୟରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା କଂଗ୍ରେସ(ପୂର୍ବ) ର ଷ୍ଟିୟରିଂ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜୁଲାଇ ୧୧ରେ କେନ୍ଦ୍ରର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ପଡ଼ିଆରେ 'ସମ୍ବିଧାନ ବଞ୍ଚାଅ' ସାଧାରଣ ସଭାରେ ଯୋଗଦେବେ। ଏହି ପରିପ୍ରେକ୍ଷିରେ ପିସିସି ପକ୍ଷରୁ ସାରା ରାଜ୍ୟରେ କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ଆଣିବାକୁ ଯୋଜନା ପ୍ରସ୍ତୁତ ହେଉଛି। ଏହିକ୍ରମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ରାହୁଲଙ୍କ ଗସ୍ତ ସଫଳ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ପ୍ରଭାରୀ ଲଲାଟେନ୍ଦୁ ମହାପାତ୍ର, ପିସିସି ସମ୍ପାଦକ ତୁଲେଶ୍ୱର ନୟକ, ରାଜ୍ୟ ମିଡିଆ ସେଲ ସଂଯୋଜକ ପ୍ରଶାନ୍ତ ଶତପଥୀ, ଜିଲ୍ଲା ସଂଯୋଜକ ତ୍ରିନାଥ ବେହେରା, ସହ-ସଂଯୋଜକ ରଶ୍ମି ରଞ୍ଜନ ପଟ୍ଟନାୟକ, ଶାକା ସୁଜିତ୍, ଶ୍ୟାମସୁନ୍ଦର, ଭାଗିରଥି ବେହେରା, ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ମହିଳା କଂଗ୍ରେସ ସଭାପତି ବନଜା ପଣ୍ଡା, କୃଷକ ନେତା ବୃନ୍ଦାବନ ଖୋଟାଇ, ସେବାଦଳର କିଶୋର କପୁରଙ୍କ ସମେତ ଜିଲ୍ଲାର ବହୁ କର୍ମୀ ଉପସ୍ଥିତ ଥିଲେ।

● ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

## ନୂଆ ବସ୍‌ଷ୍ଟାଣ୍ଡରେ ରହିଲା ଶତାଧିକ ବସ୍; ହନ୍ତସନ୍ତ ଯାତ୍ରୀ





ବ୍ରହ୍ମପୁର,୮।୭(ସମିସ): ରାଜ୍ୟରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ଷ୍ଟିୟରିଂ ଛାଡ ଆନ୍ଦୋଳନ ଜାରି ରହିଛି। ଏହାର ପ୍ରଭାବ ବ୍ରହ୍ମପୁର ସହରରେ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଛି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବ୍ରହ୍ମପୁର ସହର ଦେଇ ଯିବାଆସିବା କରୁଥିବା ୩୦୦ରୁ ଅଧିକ ବସ୍ ନୂଆ ବସଷ୍ଟାଣ୍ଡରେ ଅଟକି ରହିଥିଲା। ଡ୍ରାଇଭର ମହାସଂଘର ପୂର୍ବ ଘୋଷଣା ଅନୁଯାୟୀ ମଙ୍ଗଳବାର ଓଡ଼ିଶା ଡ୍ରାଇଭର ମହାସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି। ଓଡିଶା ଡ୍ରାଇଭର ମହାସଂଘ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ଲକ୍ଷ୍ମୀ ନାରାୟଣ ସାହୁ ଓ ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ନେତୃତ୍ୱର ଚାଳକାମାନେ କାର୍ଯ୍ୟବନ୍ଦ କରିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋନକୁ ସମର୍ଥନ କରି ବିଭିନ୍ନ ଘରୋଇ ବସର ଚାଳକମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଫଳରେ ମାଲିକମାନେ ବସ ଚଳାଚଳ କରିପାରିନଥିଲେ। ମଙ୍ଗଳବାର ଭୋରୁ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ଠାରେ ଶତାଧିକ ବସ ଛିଡା ହୋଇ ରହିଥିଲା। ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ ହେଡକ୍ୱାର୍ଟର ସମେତ ଗ୍ରାମାଞ୍ଚଳ ଏବଂ ଆଖାପାଖ ଜିଲ୍ଲାରୁ ବ୍ରହ୍ମପୁର ଅଭିମୁଖେ ଆସିବାକୁ ଥିବା ବସ ନିଜ ସ୍ଥାନରେ ଅଟକି ରହିଥିଲା। ଏହା ଦ୍ୱାରା ଶତାଧିକ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ସହରରୁ ପ୍ରତ୍ୟେକ ଦିନ ଗଞ୍ଜାମ, ଗଜପତି, କନ୍ଧମାଳ, କଟକ, ଖୋର୍ଦ୍ଧା ଓ ଭୁବନେଶ୍ୱର ଭଳି ବିଭିନ୍ନ ଅଞ୍ଚଳକୁ ପ୍ରାୟ ୨୫୦ରୁ ଅଧିକ ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା। ଡାକ୍ତରଖାନାରୁ ଡିସଚାର୍ଜ ହୋଇ ନିଜ ଜିଲ୍ଲାକୁ ଫେରିବାକୁ ଚାହୁଁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଓ ଟ୍ରେନରେ ବାହାର ରାଜ୍ୟରେ ଆସିଥିବା ଯାତ୍ରୀମାନେ ନୂଆ ବସଷ୍ଟାଣ୍ଡରେ ଅଟକି ରହିଥିଲେ। ଆଉ କିଛି ଯାତ୍ରୀ ଅଲଗା ବ୍ୟବସ୍ଥା କରି ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଅନ୍ୟପକ୍ଷରେ ଆନ୍ଦୋଳନରେ ଅଟୋ ଚାଳକ, ଟ୍ରକ ଚାଳକ, ମିନି ଟ୍ରକ ଚାଳକମାନେ ସାମିଲ ହୋଇଥିବାରୁ ଯାତ୍ରୀଙ୍କ ସମେତ ମାଲ ପରିବହନରେ ମଧ୍ୟ ଅସୁବିଧା ଦେଖିବାକୁ ମିଳିଥିଲା।

### ବିଇଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଦୌରାମ୍ୟ

# ଅତିଷ୍ଠ ରାସ୍ତାକଡ଼ ବ୍ୟବସାୟୀ; ଆନ୍ଦୋଳନ ଚେତାବନୀ

● ମଧ୍ୟସ୍ଥିଙ୍କ ଜରିଆରେ ଅର୍ଥ ଆଦାୟ କରୁଛନ୍ତି ସ୍କ୍ୱାଡ୍ ସଦସ୍ୟ
● ନାଲିଆଖି ଦେଖାଇ ମାମଲା ସମାଧାନ ପାଇଁ ନେଉଛନ୍ତି ବଟି
● ମେୟର ଓ କମିଶନର୍‌ଙ୍କ ନିକଟରେ ଫେରାଦ ହେବାକୁ ଅଣ୍ଟା ଭିଡ଼ିଲେଣି ବ୍ୟବସାୟୀ

ବ୍ରହ୍ମପୁର,୮ ।୭(ସମିସ)

ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଇଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡର ଦୌରାମ୍ୟ। ଅଧିକାରୀଙ୍କ ଅନୁପସ୍ଥିତିରେ ସ୍କ୍ୱାଡର କର୍ମଚାରୀମାନେ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ଏପରିକି ବେନିୟମ ଓ ଜବରଦଖଲ ଭାବେ ବ୍ୟବସାୟ କରୁଥିବା ଦର୍ଶାଇ ସେମାନଙ୍କ ଠାରୁ ସାପ୍ତାହିକ, ପାକ୍ଷିକ ଓ ମାସିକ ବଟି ଆଦାୟ କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଯାହାକୁ ନେଇ ସହରର ବିଭିନ୍ନ ଅଞ୍ଚଳର ଅତିଷ୍ଠ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରିକି ଏହି ସମସ୍ୟାକୁ ନେଇ ସେମାନେ ବ୍ରହ୍ମପୁର ମେୟର ଓ ବିଇଏମସି କମିଶନରଙ୍କ ନିକଟରେ ସମସ୍ତ ତଥ୍ୟ ଓ ପ୍ରମାଣ ସହିତ ଅଭିଯୋଗ କରିବାକୁ ଅଣ୍ଟା ଭିଡିଲେଣି।

ବିଭିନ୍ନ କାରଣରୁ ବିଇଏମସି ପକ୍ଷରୁ ଏନଫୋର୍ସମେଣ୍ଟ ସ୍କ୍ୱାଡକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବାକୁ ନିଷ୍ପତ୍ତି ନେଇଛନ୍ତି ବିଇଏମସିରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ। ଏଥି ପୂର୍ବରୁ ସହରର ଟ୍ରାଫିକ ସମସ୍ୟା ଓ ଜବରଦଖଲ ସମେତ ଅନ୍ୟାନ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ମେୟର ସଂଘମିତ୍ରା ଦଲେଇଙ୍କ ନିର୍ଦ୍ଦେଶ କ୍ରମେ ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡକୁ ତ୍ୱରାନ୍ୱିତ କରି ଆବଶ୍ୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ନିୟମିତ ଭାବେ ସହରର ବିଭିନ୍ନ ସ୍ଥାନରେ ଅତର୍କିତ ଚଢଉ କରି ଖିଲାପିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନେକଙ୍କ ଠାରୁ ରସିଦ ସହିତ ବ୍ୟାପକ ଜରିମାନା ମଧ୍ୟ ଆଦାୟ କରିବାର ନଜିର ରହିଛି। ଯାହାକୁ ସମଗ୍ର ସହରବାସୀ ସ୍ୱାଗତ ମଧ୍ୟ କରିଛନ୍ତି। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କମିଶନର ଏନଫୋର୍ସମେଣ୍ଟ ସ୍କ୍ୱାଡର ସମସ୍ତ ସଦସ୍ୟଙ୍କୁ ସ୍ୱତନ୍ତ୍ର ପୋଷାକରେ ସଜ୍ଜିତ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏଭଳି ପରିସ୍ଥିତିର ସୁଯୋଗ ନେଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡରେ ଥିବା କିଛି କର୍ମଚାରୀ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ ଆରମ୍ଭ କରିଦେଇଛନ୍ତି। ନିଜର ନିକଟସ୍ଥ ବ୍ୟକ୍ତିଙ୍କୁ ମଧ୍ୟସ୍ଥି କରାଇ ଚଢ଼ଉ ପୂର୍ବରୁ ଓ ପରେ ବ୍ୟବସାୟୀଙ୍କ ଠାରୁ ବେନିୟମ ଅର୍ଥ ଆଦାୟ ପାଇଁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ବିଭିନ୍ନ ସମୟରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ସଦସ୍ୟ କର୍ମଚାରୀମାନେ ବ୍ୟବସାୟୀଙ୍କୁ ଅନ୍ୟତ୍ର ଭିନ୍ନ ସମୟରେ ଡାକି ସେମାନଙ୍କ ବ୍ୟବସାୟ ସୁରୁଖୁରୁରେ ଚାଲିବା ଓ ସ୍କ୍ୱାଡ ବାରମ୍ବାର ନଆସିବା ପାଇଁ ସେମାନଙ୍କ ଠାରୁ ସାପ୍ତାହିକ, ପାକ୍ଷିକ ଓ ମାସିକ ଏଭଳି ଭାବେ ବଟି ସ୍ଥିର କରୁଥିବା ଜଣାପଡିଛି।

ଏଭଳି ବେନିୟମ ବ୍ୟବସ୍ଥା ସମ୍ପର୍କରେ ଖୋଦ୍ ବିଇଏମସିର ଡେପୁଟି କମିଶନର, କମିଶନର କିମ୍ବା ମେୟର ଅବଗତ ନଥିବା ସ୍ପଷ୍ଟ ହୋଇଛି। ଅନେକ କ୍ଷେତ୍ରରେ ମଧ୍ୟସ୍ଥିଙ୍କ ଜରିଆରେ ବ୍ୟବସାୟୀଙ୍କ ଠାରୁ ଏନଫୋର୍ସମେଣ୍ଟ କର୍ମଚାରୀ ଉଭୟ ଅଫଲାଇନ ଓ ଅନଲାଇନରେ ମଧ୍ୟ ଅର୍ଥ ସଂଗ୍ରହ କରିଥିବାର ନଜିର ରହିଛି। ଯାହାକୁ ନେଇ ରାସ୍ତାକଡ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଦୁଃଖ ବଢିଯାଇଛି। ଏନେଇ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ ଏଭଳି ଅଭିଯୋଗକୁ ନେଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଏନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ନଥିବା ବେଳେ ଅଭିଯୋଗ ସତ୍ୟ ହୋଇଥିଲେ ସାଂଘାତିକ ଓ ଘର ଢିଙ୍କି କୁମ୍ଭୀର ସଦୃଶ ବୋଲି ମତବ୍ୟକ୍ତ କରିଛନ୍ତି। ଏଭଳି ଅଭିଯୋଗର ତୁରନ୍ତ ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡକୁ ପୁର୍ନଗଠନ କରିବା ଦିଗରେ କମିଶନରଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ମୁଖ୍ୟରାସ୍ତା ଶୋଚନୀୟ



■ ଯାତାୟତ କରିବାକୁ ନାକ ଟେକୁଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ
■ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ବିଇଏମ୍‌ସି
■ ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ସଜବାଜ

ବ୍ରହ୍ମପୁର,୮।୭(ସମିସ)

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ନାମରେ ନାମିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସହରର ଅନ୍ୟତମ ପୁରାତନ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ତେବେ ଏହି ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରାସ୍ତା ପାର୍ଶ୍ୱକୁ ଡମ୍ପିୟାର୍ଡ ଭାବେ ବ୍ୟବହାର କରାଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ସମ୍ପୃକ୍ତ ଅଞ୍ଚଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ବାଧବାଧକତାରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ନାକରେ ହାତ ଦେଇ ଯାଉଛନ୍ତି। ଏହି ଡମ୍ପିୟାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଏପରିକି ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ହେଁ ଏଥିପ୍ରତି ବିଇଏମସି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଏପରିକି ଡମ୍ପିୟାର୍ଡରୁ ଅଳିଆ ବାହାର କରିବା ପରେ ମଧ୍ୟ ଉକ୍ତ ରାସ୍ତାକୁ ବିଇଏମସି ପକ୍ଷରୁ ନିୟମିତ ସଫେଇ କରାଯାଉନଥିବା ମହାବିଦ୍ୟାଳୟର ଅଧକ୍ଷା ଡ଼. ପ୍ରମିଳା ଖାଡ଼େଙ୍ଗା ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟରେ ଯୁକ୍ତ୨ ଠାରୁ ଆରମ୍ଭ କରି ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସହର ତଥା ଆଖପାଖର ପ୍ରାୟ ୪୦ରୁ ୫୦କିଲୋମିଟର ପର୍ଯ୍ୟନ୍ତ ଦୂରଦୂରାନ୍ତରୁ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିନ୍ତୁ ହରିଡାଖଣ୍ଡି ଛକଠାରୁ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଦିର୍ଘ ବର୍ଷଧରି ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସମେତ ଅଞ୍ଚଳବାସୀଙ୍କ ଦୁଃଖର କାରଣ ପାଲଟିଛି। ମହାବିଦ୍ୟାଳୟକୁ ଯିବା ନିମନ୍ତେ ଏହି ଏକମାତ୍ର ରାସ୍ତା ପୋଖରୀ ପାର୍ଶ୍ୱରେ ରହିଥିବା ବେଳେ ଏଠାରେ ସର୍ବଦା ଲୋକେ ମଳତ୍ୟାଗ କରିଥାନ୍ତି। ଏଥି ସହିତ ଲଟାବୁଦାରେ ପରିପୂର୍ଣ୍ଣ ଏହି ରାସ୍ତାକୁ ଅଳିଆ ଅବର୍ଜନାର ଡମ୍ପିୟାର୍ଡ ଭାବେ ବିଇଏମସି ବ୍ୟବହାର କରୁଛି।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାଡର୍‌ରୁ ନିର୍ଗତ ଅବର୍ଜନାକୁ ଏଠାରେ ପକାଇବାକୁ ଆଣୁଥିବା ଗାଡି ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ପାର୍କିଂ କରୁଥିବା ବେଳେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଦୀର୍ଘମାସ ଧରି ମନ୍ଥର ଗତିରେ ଚାଲିଥିବା ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ନାମଲେଖା ଚାଲିଥିବା ବେଳେ ମହାବିଦ୍ୟାଳୟକୁ ନାମ ଲେଖାଇବାକୁ ଆସୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାସ୍ତାର କଦର୍ଯ୍ୟ ଅବସ୍ଥା ଓ ରାସ୍ତାପାର୍ଶ୍ୱସ୍ଥ ଅଳିଆ ଅବର୍ଜନାର ଡମ୍ପିୟାର୍ଡର ଚିତ୍ର ଦେଖି ବିରକ୍ତ ପ୍ରକାଶ କରୁଛନ୍ତି।

ଆଗାମୀ ଦିନରେ ସମସ୍ୟାର ସମାଧାନ ଦିଗରେ ବିଇଏମସି ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ରାଜରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ବାଧ୍ୟ ହେବେ ବୋଲି ଗଞ୍ଜାମ ଓକିଲ ସଂଘର ସହ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଅସିତ କୁମାର ସାବତ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ହରିଡାଖଣ୍ଡି ଛକ ଠାରୁ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାକୁ ବିଇଏମସି ପକ୍ଷରୁ ତୁରନ୍ତ ସଫେଇ କରାଯିବ ବୋଲି ବିଇଏମସି ଡେପୁଟି କମିଶନର ଆର୍ଶୀବାଦ ପରିଡା କହିଛନ୍ତି।

## ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୮ ।୭(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ବ୍ରହ୍ମପୁର ସହରରେ ମଧ୍ୟ କେତେକ ସ୍ଥାନରେ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ଭଳି ସଂକ୍ରାମକ ରୋଗ ବ୍ୟାପିଥିବା ନଜରକୁ ଆସିଛି। ଯାହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟବିଭାଗ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସତର୍କତାମୂଳକ ତଥା ଆଗୁଆ ପଦକ୍ଷେପ ସ୍ୱରୁପ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିକ୍ରମରେ ୱାର୍ଡୱାରି ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଅନ୍ତର୍ଗତ ଚଳିତ ଜୁଲାଇ ପହିଲାରୁ ଆସନ୍ତା ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମ ଜରିଆରେ ଘରକୁ ଘର ବୁଲି ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ସମ୍ପୂର୍ଣ୍ଣ ଟୀକାକରଣ ହୋଇନଥିବା ଶିଶୁ ଓ ହେପାଟାଇଟିସ-ବି ପରୀକ୍ଷା କରାଇନଥିବା ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯିବ। ଆବଶ୍ୟକ ସ୍ଥଳେ ଚିହ୍ନଟ ମାନଙ୍କୁ ଟୀକାକରଣ ଓ ଚିକିତ୍ସା ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯିବ। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ



ଅନ୍ତର୍ଗତ ୩୫ନମ୍ବର ୱାର୍ଡରେ ୱାର୍ଡ କଲ୍ୟାଣ ସମିତି ପକ୍ଷରୁ ତଥା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଓ ବ୍ରହ୍ମପୁର ମହାନଗର ନିଗମ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାକୁ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ପୂର୍ବରୁ ୱାର୍ଡ କାର୍ଯ୍ୟାଳୟରେ ଆୟୋଜିତ ସଚେତନତା ସଭାରେ କର୍ପୋରେଟର ସମୀର ମିଶ୍ରଙ୍କ ସମେତ ସାନିଟାରୀ ଇନ୍ସପେକ୍ଟର ମନୋଜ କୁମାର ପାଢୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ପ୍ରିୟଦର୍ଶନୀ, ଜମାଦାର ହରିଶ ପୁଜାରୀ, ମହିଳା ଆରୋଗ୍ୟ ସମିତିର ସମସ୍ତ ସଦସ୍ୟା, ସ୍ୱଚ୍ଛସାଥୀ, ଆଶାକର୍ମୀ ଓ ଅଙ୍ଗନ୍ୱାଡି କର୍ମୀଙ୍କ ସମେତ ଗଜପତି ନଗର ଉନ୍ନୟନ କମିଟିର ପୂର୍ବତନ ସମ୍ପାଦକ ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ମାମଲା; ବସ୍ ହେଲପର୍ ଗିରଫ

ବ୍ରହ୍ମପୁର,୮ ।୭(ସମିସ): ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଦିଗପହଣ୍ଡି ନିମଖଣ୍ଡିପେଣ୍ଠ ଅଞ୍ଚଳର ରାକେଶ ଆଚାର୍ଯ୍ୟ (୨୨)। ସ୍ଥାନୀୟ କମାପଲ୍ଲୀର ମୋହନ ଚନ୍ଦ୍ର ନାୟକ (୪୭) ଗତ ୭ତାରିଖ ରାତିରେ କୋର୍ଟପେଟା ଛକ ସ୍ଥିତ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ପ୍ରାୟ ୯ଟା ୧୫ମିନିଟରେ ଘରକୁ ଫେରୁଥିବା ବେଳେ ଉକ୍ତ ଛକ ନିକଟରେ ବଳିଆ ପଣ୍ଡା(ଓଡ଼ି୦୭ଏଜେ-୯୬୩୯) ବସ୍‌ଟି ଟ୍ରାଫିକ ନିୟମ ଉଲ୍ଲଂଘନ କରି ରାସ୍ତା ପାରହୋଇ ଯାଉଥିବା ଦେଖି ମୋହନ ଓ ସ୍ଥାନୀୟଲୋକେ ବସ୍‌ଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଯାହାକୁ ନେଇ ବସ୍‌ର ହେଲପର ଓ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବସ୍‌ର ହେଲପର ଓ ମ୍ୟାନେଜର ମୋହନଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାକେଶକୁ ଗିରଫ କରି କୋର୍ଟଚାଲାଣ କରିଛି।

● ଘର ବାହାରେ ଗାଡ଼ି ରଖୁଥିଲେ ସାବଧାନ

## ସହରରେ ମାତିଛନ୍ତି ବାଇକ୍ ଓ ପେଟ୍ରୋଲ୍ ଚୋର ଗ୍ୟାଙ୍ଗ; ୨ ଗିରଫ

ବ୍ରହ୍ମପୁର,୮ ।୭(ସମିସ): ଘର ବାହାରେ ଯାନବାହନ ପାର୍କିଂ କରୁଥିଲେ ସାବଧାନ। ବ୍ରହ୍ମପୁର ସହର ଓ ଉପକଣ୍ଠରେ ମାତିଛନ୍ତି ବାଇକ୍ ଓ ପେଟ୍ରୋଲ ଚୋର ଗ୍ୟାଙ୍ଗ। ଗାଡ଼ିରୁ ପେଟ୍ରୋଲ ଚୋରି କରୁଥିବାବେଳେ ସୁଯୋଗ ପାଇଲେ ଗାଡ଼ି ବି ନେଇଯାଉଛନ୍ତି। ଗ୍ୟାଙ୍ଗର ସଦସ୍ୟମାନେ ମୁହଁରେ ଗାମୁଛା ଓ ରୁମାଲ୍ ବାନ୍ଧି ଗଳିକନ୍ଦିରେ ବୁଲି ଚୋରି କରୁଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏଭଳି ଭିଡିଓ ସୋସିଆଲ ମିଡିଆରେ ପ୍ରବଳ ବେଗରେ ଭାଇରାଲ ହେବାରେ ଲାଗିଛି। ପେଟ୍ରୋଲ ଚୋରମାନେ ସାଙ୍ଗରେ ବୋତଲ ନେଇ ବୁଲୁଛନ୍ତି। ଏବଂ ସହରର ବିଭିନ୍ନ ସ୍ଥାନରୁ ପାର୍କିଂ ହୋଇଥିବା ବାଇକରୁ ଅନାୟାସରେ ପେଟ୍ରୋଲ ଚୋରି କରୁଥିଲେ ହେଁ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ। ସେହିଭଳି ଦିନକୁ ଦିନ ସହରର ବିଭିନ୍ନ ଥାନା ଇଲାକାରେ ବାଇକ ଚୋରି ମାମଲା ମଧ୍ୟ ବଢୁଛି। ସ୍ଥାନୀୟ କମାପଲ୍ଲୀ ନନ୍ଦିଘୋଷ ଆପାର୍ଟମେଣ୍ଟ ନିବାସୀ ତଥା ଶେରଗଡର ଯୁବକ ବଚନ ସେଠୀଙ୍କ ବାଇକକୁ କେହି ଦୁର୍ବୃତ୍ତ ଗତ ୭ତାରିଖ ରାତିରେ ଚୋରି କରି ନେଇଯାଇଛନ୍ତି। ଅନୁରୁପ ଭାବେ ଗତ ୫ତାରିଖ ରାତିରେ ଦୁଇଜଣ ଦୁର୍ବୃତ୍ତ ଲାଞ୍ଜିପଲ୍ଲୀ ଚାଣକ୍ୟ ନଗର ପ୍ରଥମ ଲାଇନ ନିବାସୀ ରବିନ କୁମାର ନାୟକଙ୍କ ବାଇକ ଚୋରି କରି ନେଇଥିଲେ। ଯାହାର ଦୃଶ୍ୟ ସିସିଟିଭି



କ୍ୟାମେରାରେ କଏଦ ହୋଇଛି। ସେହିଭଳି ବ୍ରହ୍ମପୁର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ଗ୍ରାମରେ ୩ଜଣ ଚୋର ଏକାଧିକ ଗାଡିରୁ ପେଟ୍ରୋଲ ଚୋରି କରୁଥିବା ଦୃଶ୍ୟ ସିସିଟିଭିରେ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ କୁକୁଡ଼ାଖଣ୍ଡି ଚୌଧୁରୀ ନଗର ତୃତୀୟ ଗଳି ନିବାସୀ ଇ. ସତ୍ୟ ଦୋରାଙ୍କ ଘରେ ପଶି ଗାଡିରୁ ପେଟ୍ରୋଲ ଚୋରି କରିବା ଅଭିଯୋଗରେ ସଦର ଥାନା ପୁଲିସ ଦୁଇଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ପେଟ୍ରୋଲ ଚୋର ହେଉଛନ୍ତି କୁକୁଡାଖଣ୍ଡି ଗୌଡ ସାହିର କାଳିଆ ଗୌଡ଼ (୨୧) ଓ ଡ଼ି. ପୁରୁଷୋତ୍ତମ ପାତ୍ର(୩୫)।

### ଗଞ୍ଜାମ ଜିଲ୍ଲା ଫୁଟ୍‌ବଲ୍ ଲିଗ-୨୦୨୫

# 'ବାରାକ୍ସ'କୁ ପରାସ୍ତ କରି 'ବ୍ରହ୍ମପୁର ପୁଲିସ' ଚାମ୍ପିଅନ୍





୧୬ରୁ ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା

ବ୍ରହ୍ମପୁର,୮ ।୭(ସମିସ)

ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ପୁଲିସ ଓ ବାରାକ୍ସ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲା। ୧-୧ରେ ମ୍ୟାଚ୍‌ରେ ଖେଳ ଅମୀମାଂସିତ ରହିବାରୁ ପେନାଲିଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବ୍ରହ୍ମପୁର ପୁଲିସ ଦଳ (୩-୧) ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫେରୀ ଭାବେ ସୁଜିତ କୁମାର ପାତ୍ର, ଭିନସେଣ୍ଟ ଦାସ, ବିଶ୍ୱନାଥ ପାତ୍ର ଓ ରମେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଖେଳ ଶେଷରେ ମୁଖ୍ୟଅତିଥି ଭାବେ ଓଡିଶା ଅଲିମ୍ପିକ୍ସ ସଙ୍ଘର ସାଧାରଣ ସମ୍ପାଦକ ଅଭିଜିତ ପାଉଲ, ବ୍ରହ୍ମପୁର ରୋଟାରି କ୍ଲବ ସଭାପତି ରୋଟାରିଆନ ଇ. ଭେଙ୍କେଟ ଆନନ୍ଦ, ବ୍ରହ୍ମପୁର ରୋଟାରି କ୍ଲବ ସମ୍ପାଦକ ରୋଟାରୀଆନ ତାଙ୍ଗୁଡୁ ରାହୁଲ, ବ୍ରହ୍ମପୁର ପୁଲିସର ରିଜର୍ଭ ଇନ୍ସପେକ୍ଟର ଏମ୍. ଲକ୍ଷ୍ମୀରଂଜନ ଓ ଓଡିଶା ପୁଲିସ ମହାସଂଘ କୋଷାଧକ୍ଷ ଗୌରୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘର ସଦସ୍ୟ ଏଲ୍. କେ. ରାଓ ରେଡି, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି.ଜେ.ପାତ୍ର ଓ ଜି.ଏମ ବାବୁ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୬ତାରିଖ ଠାରୁ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଆୟୋଜନ ହେବ। ୪ଟି ଯୋନରେ ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ବ୍ରହ୍ମପୁରରେ କରିବାକୁ ରାଜ୍ୟ ଫୁଟବଲ ସଂଘ ନିକଟରେ ଅନୁରୋଧ କରାଯାଇଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଆଗାମୀ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା ପାଇଁ ଗଞ୍ଜାମରୁ ୩୫ଜଣ ଖେଳାଳୀଙ୍କୁ ଏହି ଲିଗ ପର୍ଯ୍ୟାୟ ମ୍ୟାଚରୁ ଖେଳାଳୀ ଚୟନ କରାଯାଇଥିବା ଜଣାପଡିଛି।

# ସଫେଇ ଆଳରେ ଅଢ଼େଇ ଭରି ସୁନା ଅଳଙ୍କାର ଲୁଟ୍

ପାରଳାଖେମୁଣ୍ଡି, ୮ ।୭ (ସମିସ)





ସଫେଇ କରିବା ଆଳରେ ଅଢ଼େଇ ତୋଳା ଓଜନର ସୁନା ଅଳଙ୍କାର ଲୁଟ କରି ନେଇଛି ଦୁର୍ବୃତ୍ତ । ଏପରି ଘଟଣା ଘଟିଛି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ। ଦୁର୍ବୃତ୍ତ ଜଣକ ଗୁରାଣ୍ଡି ଗ୍ରାମର ପି.ଧନଲକ୍ଷ୍ମୀଙ୍କ ଘରକୁ ଯାଇ ସୁନା ଓ ରୁପା ସଫା କରିବାକୁ କହିଥିଲା। ଧନଲକ୍ଷ୍ମୀ ପ୍ରଥମେ ରୁପା ପାଉଁଜି ସଫା କରିବାକୁ ଦେଇଥିଲେ। ଦୁର୍ବୃତ୍ତ ଜଣକ ବିଶ୍ୱାସ ଜନ୍ମାଇବା ଆଳରେ ରୁପା ପାଉଁଜିଟିକୁ ସଫା କରି ଦେଖାଇଥିଲା। ପରେ ଧନଲକ୍ଷ୍ମୀ ନିଜ ବେକରେ ପିନ୍ଧିଥିବା ସାଢ଼େ ଦୁଇ ତୋଳା ଓଜନର ସୁନା ଅଳଙ୍କାରକୁ ସଫା କରିବାକୁ ଦେଇଥିଲେ। ଦୁର୍ବୃତ୍ତ ଜଣକ ସୁନା ଚେନକୁ ନିଜ ପାଖରେ ରଖିଥିବା ଏକ ଗେରୁ ମାଟି ଜରି ପକେଟରେ ପକାଇ ଦେଇଥିଲା। ୧୫ ମିନିଟ ପରେ ଏହି ପକେଟ୍‌ରୁ ଚେନ ବାହାର କର ସୁନା ସଫା ହୋଇ ଚକ୍‌ଚକ୍ ଦେଖାଦେବ କହି ଘଟଣାସ୍ଥଳରୁ ଧରି ଆସିଥିବା ବାଇକ୍‌ରେ ଚମ୍ପଟ ମାରିଥିଲା। ୧୫ ମିନିଟ ପରେ ଧନଲକ୍ଷ୍ମୀ ଦୁର୍ବୃତ୍ତ ଦେଇଥିବା ପକେଟ୍‌ରୁ ନିଜ ସୁନା ଚେନ୍‌କୁ ବାହାର କରିଦେଖିବା ବେଳେକୁ ତାହା ନକଲି ଚେନ୍ ଥିଲା। ଏପରି ଦେଖି ଧନଲକ୍ଷ୍ମୀଙ୍କ ମୁଣ୍ଡ କାମ କରି ନ ଥିଲା। ତୁରନ୍ତ ନିକଟରେ ଥିବା ଗୁରାଣ୍ଡି ଥାନାକୁ ଯାଇ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସଦଳବଳ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତ ଜଣକର ପତ୍ତା ପାଇନଥିଲେ। ଦୁର୍ବୃତ୍ତ ଜଣକ ଏକ ଲାଲ ରଙ୍ଗର ପଲସର ବାଇକରେ ଆସିଥିଲେ ଏବଂ ସେ ମଧ୍ୟ ଏକ ଲାଲ ରଙ୍ଗର ଟି ସାର୍ଟ ପରିଧାନ କରିଥିଲେ ବୋଲି ଧନଲକ୍ଷ୍ମୀ କହିଛନ୍ତି।

# ତୃତୀୟ ଦିନରେ ଜାତୀୟସ୍ତରୀୟ ବୁଥ୍ ଅଧିକାରୀଙ୍କ ତାଲିମ

ପାରଳାଖେମୁଣ୍ଡି, ୮ ।୭ (ସମିସ): ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ଜାତୀୟ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମର ତୃତୀୟ ଦିନରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନିନ୍ଦ୍ର ହନେଗା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ପାଢ଼ୀ ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬-ମୋହନାବିଧାନସଭା ନିର୍ବାଚନମଣ୍ଡଳୀ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ତୃତୀୟ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ୧୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ତୃତୀୟ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶିକ୍ଷକ ରାଜୁ ମଲିକ, ସିଆରସିସି ନରେଶ ପ୍ରଧାନ, ଜିପିଓ ନରସିଂହ ଚନ୍ଦ୍ର ମିଶ୍ର, ସିଆରସିସି ରଜନୀକାନ୍ତ ସାହୁକାର, ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶିକ୍ଷକ ୱାଇ.ଶିବ କୁମାର, ସିଆରସିସି ଏମ.ଉମାପତି, ରଶ୍ମିତା ସାମଲ ଓ ପି.ଭେଙ୍କଟେଶ୍ୱରଲୁ ଟ୍ରେନର ଭାବରେ ବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ସିଲେଇ କେନ୍ଦ୍ରରୁ ୬ ମେସିନ ଚୋରି



ଦାରିଙ୍ଗବାଡି, ୮ ।୭ (ସମିସ): ଦାରିଙ୍ଗବାଡିରେ ଆଇଟିଡିଏ ଦ୍ୱାରା ପରିଚାଳିତ ସିଲେଇ କେନ୍ଦ୍ରରୁ ସିଲେଇ ମେସିନ ଚୋରି ନେଇ ଥାନାରେ ଏତଲା ହୋଇଛି। ପ୍ରକଳ୍ପ ପ୍ରଶାସକଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀ ଦେବାଶିଷ ନାୟକ ଥାନାରେ ଏତଲା ଦେଇଥିବା ବେଳେ ଏସ୍‌ଆଇ ଜୟନ୍ତ ସେଠୀ ଓ ଏଏସ୍‌ଆଇ ଅର୍ଜୁନ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଉକ୍ତ ସିଲେଇ କେନ୍ଦ୍ରରେ ୩୬ ମେସିନ ରହିଥିବା ବେଳେ କେହି ଦୃର୍ବୃତ୍ତ ତାଲା ଭାଙ୍ଗି ୬ ସିଲେଇ ମେସିନ ଚୋରି କରିଥିବା ଜଣାପଡ଼ିଛି।

# ପଣ୍ଡିତ ରଘୁନାଥ ପାତ୍ରଙ୍କୁ 'ଉତ୍କଳ ରତ୍ନ' ସମ୍ମାନ



ପାରଳାଖେମୁଣ୍ଡି, ୮ ।୭ (ସମିସ): ପୁରୀ ଠାରେ ପବିତ୍ର ସୁନାବେଶ ଅବସରରେ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୩୦ ତମ ସୁନାବେଶ ଭଜନ ସମାରୋହରେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଗୁରୁ ତଥା ପାରଳାଖେମୁଣ୍ଡିର ବାସିନ୍ଦା ପଣ୍ଡିତ ରଘୁନାଥ ପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି। ଅନୁଷ୍ଠାନର ସଭାପତି ଡ. ବଦ୍ରିନାଥ ମିଶ୍ର, ସମ୍ପାଦକ ମନୋଜ କୁମାର ଦାସ ମହାପାତ୍ର, ଆବାହକ ପ୍ରଣବ ପଟ୍ଟନାୟକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ସମ୍ମାନ ହାସଲ କରିବା ଏକ ଗୌରବର ବିଷୟ। ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ପ୍ରଫୁଲ୍ଲ କର, ପ୍ରଣବ ପଟ୍ଟନାୟକ ଏହି ସମ୍ମାନ ପାଇସାରିଛନ୍ତି। ପଣ୍ଡିତ ରଘୁନାଥ ପାତ୍ର ଏହି ସମ୍ମାନ ପାଇବା ଖବର ଗଜପତିରେ ପ୍ରଚାରିତ ହେବା ପରେ ବିଭିନ୍ନ ମହଲ ବିଶେଷ କରି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ ଗୁଳିକାଣ୍ଡକୁ ବିତିଲା ୯ ବର୍ଷ; ଗୁମୁରୁ ଗୁମୁରି କାନ୍ଦୁଛି ଗୁମୁଡୁମାହା

# ନ୍ୟାୟ ଅପେକ୍ଷାରେ ମୃତକଙ୍କ ପରିବାର



ବାଲିଗୁଡ଼ା, ୮ ।୭ (ସମିସ): ବାଲିଗୁଡ଼ା ଥାନା ଅନ୍ତର୍ଗତ ଗୁମୁଡୁମାହା ଗାଁ ଆଜି ବି ଗୁମୁରୀ ଗୁମୁରୀ କାନ୍ଦୁଛି। ୨୦୧୬ ମସିହାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଜଣେ ଦୁଇ ବର୍ଷର ଶିଶୁ ମଧ୍ୟ ଥିଲା। ଆଜି ମଧ୍ୟ ନ୍ୟାୟ ଅପେକ୍ଷାରେ ଗୁମୁଡୁମାହା ଅଞ୍ଚଳବାସୀ। କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଥାନା ଅନ୍ତର୍ଗତ ଗୁମୁଡ଼ିମାହା ଘଟିଥିବା ଅଭାବନୀୟ ଘଟଣା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ୨୦୧୬ ଜୁଲାଇ ୮ରେ ମନରେଗା ଟଙ୍କା ଉଠାଇ ବାଲିଗୁଡ଼ାରୁ କାମ ସାରି ସନ୍ଧ୍ୟାରେ କୁର୍ତ୍ତମଗଡ଼ ଦେଇ ଦୁର୍ଗମ ଅଞ୍ଚଳ ଗୁମୁଡ଼ିମାହା ଯାଉଥିବା ସମୟରେ ବର୍ଷା ଯୋଗୁଁ କାଦୁଅରେ ଅଟୋ ଫସି ଯାଇଥିଲା। ଆଉ ନିରୀହ ଆଦିବାସୀ ଗାଡ଼ିକୁ ଧକ୍କା ଦେଇ ଅଟୋକୁ ଉଠାଇବାକୁ ଚେଷ୍ଟା କରୁଥବା ବେଳେ ବାମ ପାର୍ଶ୍ୱରେ ସୁରକ୍ଷା କର୍ମୀ ଅଚାନକ ଆଖିବୁଜା ଗୁଳି ଚାଳନା କରିଥଲେ। ସେହି ଗୁଳିରେ ଟଳି ପଡ଼ିଲେ ପାଞ୍ଚ ନିରୀହ ଆଦିବାସୀ ମହିଳା ପୁରୁଷ ଓ ଛୋଟ କୁନି ପୁଅ। ପରେ ପରେ ତାକୁ ନେଇ ସମସ୍ତ ରାଜନୀତି ଦଳ ପକ୍ଷରୁ ଘଟଣାକୁ ନିନ୍ଦା କରାଯାଇଥିଲା। ୫ଜଣଙ୍କ ଜୀବନ ଚାଲିଯିବା ସ୍ଥଳେ ସେହି ଦୁର୍ଗମ ଅଞ୍ଚଳକୁ ପୂର୍ବତନ ସରକାର ଚେଷ୍ଟାରେ ପକ୍କା ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ଓ ମୃତକ ପରିବାର କିଛି ଲୋକଙ୍କୁ ସ୍କୁଲ ଗୁଡିକରେ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନେଇ କମିଶନ ବସିଲା। କମିଶନ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ରିପୋର୍ଟ ସାର୍ବଜନୀନ କରାଯାଇନାହିଁ। ଦୋଷୀକୁ ଦଣ୍ଡ ଦେବା ସହିତ ପରିବାର ପ୍ରତିପୋଷଣ କରିବାକୁ ସ୍ଥାୟୀ ରୋଜଗାର ବ୍ୟବସ୍ଥା କରିବା ଆଶା ପୋଷଣ କରିଛନ୍ତି ନିରୀହ ଗୁମୁଡୁମାହା ଅଞ୍ଚଳବାସୀ।

■ ଜୁଆ ଆଡ୍ଡାରେ ଚଢ଼ଉ

# ୨.୪୪ ଲକ୍ଷ ଟଙ୍କା ଜବତ; ୮ ଗିରଫ



ପାରଳାଖେମୁଣ୍ଡି, ୮ ।୭ (ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ଉପରେ ଚଢ଼ଉ ଜାରୀ ରହିଛି। ଆଜି ଗୁରାଣ୍ଡି ଥାନା ଅନ୍ତର୍ଗତ ମଧୁସୁଦନପୁର ଗ୍ରାମର ଏକ କୋଠଘରେ ଜୁଆ ଖେଳ ଚାଲିଥିବା ବେଳେ ପୁଲିସ୍ ଅତର୍କିତ ଚଢ଼ଉ କରି ୮ ଜୁଆଡିଙ୍କୁ ଗିରଫ କରିବା ସହ ସେଠାରୁ ୨ ଲକ୍ଷ ୪୪ ହଜାର ୧୦୦ ଟଙ୍କା ଜବତ କରିଛି। ଗିରଫ ୮ ଜଣଙ୍କ ବିରୁଦ୍ଧରେ ଗୁରାଣ୍ଡି ଥାନାରେ ମାମଲା ରୁଜୁ ହୋଇଛି।

# ବ୍ରାହ୍ମଣୀଗାଁରେ ବନ ମହୋତ୍ସବ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୮ ।୭ (ସମିସ): ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁରେ ଥାନା ପରିସରରେ ବନବିଭାଗ ତରଫରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ମା' ପାଇଁ ଗଛଟିଏ ଓ ପୃଥିବୀକୁ ଚିର ସବୁଜ ରଖିବା ଉଦ୍ଦେଶ୍ୟ ନେଇ ଚାରାରୋପଣ କରାଯାଇଥିଲା। ସ୍ଥାନୀୟ ବନପାଳ ହରିହର ବେହେରା ଓ ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ହାଇବ୍ରୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେମାନେ ପ୍ରଥମେ ଚାରାରୋପଣ କରିବା ପରେ ଅନ୍ୟାନ୍ୟ ଅଧିକାରୀ ତଥା ସାମ୍ବାଦିକ ଚାରାରୋପଣ କରିଥିଲେ।

# ବନମହୋତ୍ସବ ଓ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟରେ ଚାରାରୋପଣ



ମୋହନା, ୮ ।୭ (ସମିସ): ପ୍ରଧାନମନ୍ତ୍ରୀଙ୍କ 'ଏକ ପେଡ ମା କେ ନାମ' ନାରା ନେଇ ଗଛ ଲଗାଇଲେ ବିଧାୟକ, ଡ଼ିଏଫଓ, ଏସିଏଫ ଓ ବିଦ୍ୟାର୍ଥୀ। ସୋମବାର ମୋହନା ବ୍ଲକ ଅନ୍ତର୍ଗତ ଗୁଲୁବା ଗ୍ରାମରେ ମୋହନା ବନବିଭାଗ ପକ୍ଷରୁ ୭୬ ତମ ବନ ମହୋତ୍ସବ ପାଳନ କରାଯାଇଥିଲା। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଡିଏଫଓ କେ.ନାଗରାଜୁ, ଏସିଏଫ ଅରୁଣ ସାହୁ ସାଇନି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନଳାଘାଟ ବନପାଳ ଦୁର୍ଯ୍ୟୋଧନ ଜେନା ଓ କର୍ମଚାରୀ ପରିଚାଳନା କରିଥିଲେ। ସେହିପରି ଆଜି ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ରୀତା କୁମାରୀ ଶତପଥୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। ବରିଷ୍ଠ ଅଧ୍ୟାପକ ମନୋରଞ୍ଜନ ପାଣିଗ୍ରାହୀ ଓ ସୁଖବିନ୍ଦର ସିଂ ସହଯୋଗ କରିଥିଲେ।

# ପାରଳାରେ ଠାକୁରଙ୍କ ନୀଳାଦ୍ରିବିଜେ



ପାରଳାଖେମୁଣ୍ଡି, ୮ ।୭ (ସମିସ): ସରିଛି ଚଳିତ ବର୍ଷର ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ମାନବୀୟ ଲୀଳାଖେଳା ପରେ ଆଜି ରତ୍ନବେଦୀକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଆଜି ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନେଇ ରଥଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ମହାପ୍ରଭୁଙ୍କ ବିଜେ ଲାଗି ନିର୍ଘଣ୍ଟ ହୋଇଥିବା ନୀତି ଅନୁଯାୟୀ ତିନି ରଥରେ ମଙ୍ଗଳ ଆଳତୀ ସହ ବିଭିନ୍ନ ନୀତିକାନ୍ତି ହୋଇଥିଲା। ଚଳିତ ରଥଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିଲା। ବିଶେଷ କରି ପାରଳା ସହର ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ବହୁ ଭକ୍ତ ଯୋଗ ଦେଇଥିଲେ। ପାରଳା ସହର ଏକ ଦ୍ୱିଭାଷୀ ଅଞ୍ଚଳ ହୋଇଥିବାରୁ ରଥଯାତ୍ରାରେ ସମସ୍ତେ ସାମିଲ ହୋଇଥିଲେ।

# ଡ୍ରାଇଭର୍ ସଂଘର ଆନ୍ଦୋଳନ; ଅଖ ଚକ ଜାମ୍





ମୋହନା, ୮ ।୭ (ସମିସ)

ସାତ ଦଫା ଦାବି ନେଇ ଆଜିଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓଡ଼ିଶା ଡ୍ରାଇଭର ମହାସଂଘ। ଏହି ଆନ୍ଦୋଳନରେ ସାମିଲ ହୋଇଛି ଗଜପତି ଜିଲ୍ଲା ମୋହନା ଡ୍ରାଇଭର ସଂଘ। ଧର୍ମଘଟ ସହ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ଚକ ଅଖ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଡ୍ରାଇଭରଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବା ସହ ଅଟୋ ଡ୍ରାଇଭରଙ୍କୁ ଡ୍ରାଇଭରର ମାନ୍ୟତା ପ୍ରଦାନ, ପ୍ରତି ୧୦୦ କିଲୋମିଟରରେ ରାସ୍ତାରେ ଶୌଚାଳୟ, ବିଶ୍ରାମାଗାର ନିର୍ମାଣ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ସେପ୍ଟେମ୍ବର୧କୁ ସରକାରୀ ଭାବେ ଡ୍ରାଇଭର ଦିବସ ପାଳନ, ଓଡ଼ିଶାର ଖଣି ଖାଦାନ ଓ କାରଖାନା ଗୁଡିକରେ ଓଡ଼ିଶା ଡ୍ରାଇଭରଙ୍କୁ ଅଗ୍ରାଧିକାର ଓ ଗାଡି କାଗଜପତ୍ର ଯାଞ୍ଚ କ୍ଷମତା ପୁଲିସ ବିଭାଗକୁ ଦିଆ ନଯିବା ଆଦି ୭ ଦଫା ଦାବି କରିଛନ୍ତି ଡ୍ରାଇଭର ସଂଘ। ଏନେଇ ବାରମ୍ବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଆଜିଠାରୁ ଡ୍ରାଇଭର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସହ ଧର୍ମଘଟରେ ବସିଛନ୍ତି ବୋଲି କହିଛନ୍ତି। ସରକାର ଦାବି ପୂରଣ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ମୋହନାରେ ଡ୍ରାଇଭର ସଂଘ ସଭାପତି ବିଜୟ ବେହେରଦଳାଇ, ଉପସଭାପତି ରତ୍ନାକର ବଳିୟାର ସିଂ ଓ ସମ୍ପାଦକ ଲକ୍ଷ୍ମୀନାରାୟଣ ବିଷୋୟୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି।

**ଜି.ଉଦୟଗିରି:** ସେହିପରି ଜି.ଉଦୟଗିରିରେ ମଧ୍ୟ ଧର୍ମଘଟର ପ୍ରଭାବ ଦେଖିବାକୁ ମିଳିଛି। ହାତ ଗଣତି କିଛି ସରକାରୀ ବସ୍‌କୁ ଛାଡିଦେଲେ ସମସ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବ୍ଲକ ସଭାପତି ଇଶାକ ନାୟକଙ୍କ ତତ୍ତ୍ୱାବଧାନରେ ଆନ୍ଦୋଳନ କରାଯାଇଥିଲା। ବିଜେନ୍ଦ୍ର ପ୍ରଧାନ, କିଶୋର ନାୟକଙ୍କ ସହିତ ବହୁ ଡ୍ରାଇଭର ଏଥିରେ ଦେଇଥିବା ବେଳେ ଜିଲ୍ଲା ସଂଘ ସଭାପତି ଆଲୋକ ବେହେରା, ଉପସଭାପତି ମାନସ ସାମଲ ଓ ମୁଖ୍ୟ ଆଡମିନ ପପୁ ପ୍ରଧାନ ସ୍ଥିତି ସମୀକ୍ଷା କରିଥିଲେ। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ଟିକାବାଲି:** ରାଜ୍ୟ ଡ୍ରାଇଭର ସଂଘ ତରଫରୁ ଦିଆଯାଇଥିବା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଟିକାବାଲି ବ୍ଲକରେ ଏହା ସମ୍ପୂର୍ଣ୍ଣ ସଫଳ ହୋଇଛି। ଆନ୍ଦୋଳନର ପ୍ରଭାବରେ ସକାଳୁ ଘରୋଇ ବସ୍, ଅଟୋ ଏବଂ ସ୍ଥାନୀୟ ଡାଲା ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କିନ୍ତୁ ଗ୍ରାମାଞ୍ଚଳରେ ସରକାରୀ ଲକ୍ଷ୍ମୀ ବସ୍ ଚାଲୁଥିବାରୁ ଗ୍ରାମାଞ୍ଚଳର ଯାତ୍ରୀଙ୍କ ବିଶେଷ ଅସୁବିଧା ହୋଇନଥିଲା। ସଂଘ ପୂର୍ବରୁ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରିଥିଲେ ହେଁ ସରକାର ଏଥିପ୍ରତି କିଛି ଧ୍ୟାନ ଦେଇ ନ ଥିଲେ। ପୂର୍ବରୁ ଦିଆଯାଇଥିବା ଦାବି ପୂରଣ ନେଇ ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ସରକାର ଦାବି ପ୍ରତି ଦୃଷ୍ଟି ନଦେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାର ନିଷ୍ପତ୍ତି ନିଆଯାଇଛି।

**ଦାରିଙ୍ଗବାଡି:** ଦାରିଙ୍ଗବାଡି ଶାଖା ଡ୍ରାଇଭର ସଂଘ ମଧ୍ୟ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛି। ଫଳରେ ଦାରିଙ୍ଗବାଡିରୁ ଫୁଲବାଣୀ, ବ୍ରହ୍ମପୁର, ବାଲିଗୁଡା, ରାଇକିଆ, ବ୍ରାହ୍ମଣୀଗାଁ, ମୋହନା, ଭଞ୍ଜନଗର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସ୍ ଚଳାଚକ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଭାରୀଯାନ ଟ୍ରକ, ମିନି ଟ୍ରକ, ଜିପ୍ ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କିଛି ସରକାରୀ ବସ ଚଳାଚଳ ହେଉଛି। ସରକାରୀ ବସ ଡ୍ରାଇଭରଙ୍କୁ ମଧ୍ୟ ଷ୍ଟିଅରିଂ ଛାଡିବାକୁ ଦାରିଙ୍ଗବାଡି ସଙ୍ଘ ପକ୍ଷରୁ ନିବେଦନ କରାଯାଇଛି। ଆନ୍ଦୋଳନରେ ଦାରିଙ୍ଗବାଡି ଡ୍ରାଇଭର ସଙ୍ଘ ସଭାପତି ପ୍ରଭଞ୍ଜନ ନାୟକ, ଉପସଭାପତି ସନ୍ତୋଷ ଦିଗାଲ ଓ ସମ୍ପାଦକ ରୁଦ୍ରଦେବ ମଲିକ ସାମିଲ ହୋଇଛନ୍ତି।





## ମନ୍ଦିର ସମ୍ମୁଖରେ ପହଞ୍ଚିଲେ ତିନି ଠାକୁର



ଶେରଗଡ଼,୮ ।୭(ସମିସ): ଶେରଗଡର ପ୍ରସିଦ୍ଧ ବାହୁଡା ଯାତ୍ରା ସୋମବାର ଶେଷ ହୋଇଛି। ଶେରଗଡର ନିଆରା ପରମ୍ପରା ଅନୁଯାୟୀ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଥକୁ ଶ୍ରଦ୍ଧାଳୁ ମାନେ ଟାଣି ଟାଣି ମାଉସୀ ମା ମନ୍ଦିର ନିକଟରେ ପହଞ୍ଚାଇବା ପରେ ମାଉସୀ ଘର ତରଫରୁ ତିନି ଭାଉ ଭଉଣୀ ପୋଡ ପିଠା ଖାଇବା ଲାଗି ଦିଆଯାଇଥିଲା। ଏହା ପରେ ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ସହ ଠାକୁର ମାନଙ୍କ ଭେଟ ହୋଇଥିଲା। ନିଜ ମନ୍ଦିରକୁ ଆସିବା ଲାଗି ମା' ଲକ୍ଷ୍ମୀ ନିମନ୍ତ୍ରଣ କରିବା ପରେ ଭକ୍ତମାନେ ରଥକୁ ଟାଣି ଶ୍ରୀ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ମନ୍ଦିର ଆଗରେ ରଥ ପହଞ୍ଚିବା ପରେ ଠାକୁର ମାନଙ୍କୁ ସନ୍ଧ୍ୟା ଆଳତୀ ପ୍ରଦାନ କରାଯାଇଥିଲା। ଆଜି ତିନି ଠାକୁରଙ୍କ ଅଧରପଣା ଲାଗୁ କଧାଯିବା ପରେ ମଙ୍ଗଳବାର ଠାକୁର ପହଣ୍ଡି କରାଯାଇ ମନ୍ଦିରକୁ ନିଆଯିବ। ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଥିବାରୁ ରଥ ପରିଚାଳନା କମିଟିର ସଦସ୍ୟ ଓ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ବଡ଼ଦାଣ୍ଡ ସଫେଇ କଲେ ସ୍ୱେଚ୍ଛାସେବୀ



ଧରାକୋଟ,୮ ।୭(ସମିସ): ଧରାକୋଟଗଡ଼ର ଏକାଦଶୀ ତିଥିର ବାହୁଡା ଯାତ୍ରା ଶେଷ ହୋଇଛି। ଯାତ୍ରା ଦିନ ଶହ ଶହ ଉଠା ଦୋକାନ ଖୋଲିଥିଲା। ପ୍ରଭାତରୁ ସମଗ୍ର ବଡ଼ଦାଣ୍ଡ ଅପରିଷ୍କାର ହୋଇ ରହିଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ରଥ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସ୍ୱେଚ୍ଛାସେବୀ ମିଲୁ, ମଙ୍ଗୁଲୁ, ରାଜେଶ, ମନୋଜ, ସୁନିଲ, ପପୁନା, ସନା, ମିଟୁ, ନାରାୟଣ, ଜଗା, ସୋମନାଥ ମହାନ୍ତି, ଶିବ ପ୍ରସାଦ ମହାନ୍ତି ପ୍ରମୁଖ ବଡ଼ଦାଣ୍ଡରେ ସଫେଇ କାର୍ଯ୍ୟ କରିଥିବା ବେଳେ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଓ ଏସ୍ଆରଟିସି ଗ୍ରାମାଞ୍ଚଳ ପରିବହନ ସେବାର କର୍ମଚାରୀ ସଂଜିତ ସ୍ୱାଇଁ, ପ୍ରହଲ୍ଲାଦ ସ୍ୱାଇଁ, ବାୟା ନାୟକ, ମଦନ ମୋହନ ସାହୁ ଓ ଅମିତ ଗୌଡ଼ ପ୍ରମୁଖ ସଫେଇ କାର୍ଯ୍ୟ କରିଥିଲେ।

## ସୁରୁଖୁରୁରେ ସରିଲା ରଥଯାତ୍ରା

ସୋରଡା,୮ ।୭(ସମିସ): ବଡଗଡ଼ ଓ ସୋରଡ଼ାରେ ସୁରୁଖୁରୁରେ ସରିଛି ରଥଯାତ୍ରା। ନଅ ଦିନ ଯାତ୍ରାରେ ବାହାରି ଆଜି ଶେଷ ଦିନରେ ଶ୍ରୀ ଜୀଉ ସୁନାବେଶ ନେଇ ରାଜ୍‌ରାଜେଶ୍ୱର ଭାବେ ସବୁଠି ଦର୍ଶନ ଦେଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ତହସିଲଦାର ଦେବସ୍ମିତା ବେହେରା ସୋରଡ଼ାରେ ଓ ଅତିରିକ୍ତ ତହସିଲଦାର ଦୀନବନ୍ଧୁ ପିଙ୍ଗୁଆ ଓ ବଡଗଡ଼ ରାଜସ୍ୱ ନିରୀକ୍ଷକ ପ୍ରମୋଦ କୁମାର ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ଗଡ଼ରେ ସୁରୁଖୁରୁରେ ସମ୍ପାଦନ ହୋଇଛି। ସୋରଡ଼ା ଥାନାଧିକାରୀ ସୁନିଲ କୁମାର ପ୍ରଧାନ ଓ ବଡ଼ଗଡ଼ ଥାନାଧିକାରୀ ସନ୍ତୋଷ କୁମାର ବେହେରାଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ଓ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ସୋରଡ଼ା ସରକାରୀ ଡାକ୍ତରଖାନାର ଡ଼ା ଅଜିତ ପାଣିଗ୍ରାହୀ, ସୁନିଲ କୁମାର ସାମନ୍ତରାୟ ପ୍ରମୁଖ ରହିଥିଲେ।



ଅଗ୍ନିଶମ ବିଭାଗର ଅଗ୍ନିକମାନଙ୍କ ସହ ଅଗ୍ନିଶମ ଅଧିକାରୀଗଣ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ସୋରଡ଼ାର ରାଜବଂଶ ଦାୟାଦ ଭାବେ ଦେବଦତ୍ତ ସିଂହଦେଓ ଅଂଶ ଗ୍ରହଣ କରି ଗୁଣ୍ଡିଚା ଓ ବାହୁଡାରେ ଛେରାପହଁରା ସହିତ ମହାଲକ୍ଷ୍ମୀ କଳିରେ ମଧ୍ୟସ୍ଥତା , ରାଜଭୋଗ ଆଦି କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବଡ଼ଗଡରେ ନୂଆଁ ଭାବେ ଗତ ବର୍ଷ ନିର୍ମିତ ସୁସଜ୍ଜିତ ରଥରେ ରଥଯାତ୍ରା ସମ୍ପାଦନ ହୋଇଛି।

# ରେଳବିଭାଗରେ ଚାକିରି ଦେବାକୁ କହି ୧୪ ଲକ୍ଷ ଠକେଇ

ବ୍ରହ୍ମପୁର,୮ ।୭(ସମିସ)

ରେଳବିଭାଗରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ଜଣେ ଯୁବକଙ୍କ ଠାରୁ ୨ଜଣ ବ୍ୟକ୍ତି ୧୪ଲକ୍ଷ ଟଙ୍କା ଠକି ନେଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଆମ୍ବପୁଆ ବିମା ନଗର ୬ଷ୍ଠ ଲାଇନ ନିବାସୀ ତାପସ କୁମାର ପଟ୍ଟନାୟକ ଚାକିରି ସନ୍ଧାନରେ ଥିଲେ। ୨୦୨୩ରେ କବିସୂର୍ଯ୍ୟନଗର ଅଞ୍ଚଳର ନାରାୟଣ ମହାନ୍ତିଙ୍କ ମାଧ୍ୟମରେ ତାପସ ଜାଣିବାକୁ ପାଇଲେ ଯେ' ବିନା ପରୀକ୍ଷାରେ ରେଳବାଇ ଚାକିରି ପାଇବା ସମ୍ଭବ। ତେବେ ତାହା କେବଳ ସ୍ନାତକ ଡିଗ୍ରୀଧାରୀ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ। ସେହି ସମୟରେ ନାରାୟଣଙ୍କ ପୁଅ ରୁଦ୍ରପ୍ରସାଦ ମହାନ୍ତି ମଧ୍ୟ ଏଥିପାଇଁ ଚେଷ୍ଟା କରୁଥିଲେ। କିଛିଦିନ ପରେ କବିସୂର୍ଯ୍ୟନଗରର ସ୍ଥିତ ନିଜ ଘରେ ସେ ଗୁଡ଼ିଆପାଲିର ବୃନ୍ଦାବନ ଦାସଙ୍କ ପୁଅ ବସନ୍ତ ଦାସଙ୍କ ସହିତ ଏକ ବୈଠକର ଆୟୋଜନ କରିଥିଲେ। ବସନ୍ତ ଦାସଙ୍କ ସହିତ ସାକ୍ଷାତ ପରେ ସେ ରେଳବାଇରେ ଚାକିରି ସମ୍ପର୍କିତ ତଥ୍ୟକୁ ଗୁପ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ଏବଂ ଏଥିପାଇଁ ପର୍ଯ୍ୟାୟ କ୍ରମେ ପ୍ରାୟ ୨୦ଲକ୍ଷ ଖର୍ଚ୍ଚ କରିବାକୁ ହେବ ବୋଲି କହିଥିଲେ। ଏପରିକି ଟଙ୍କା ପଠାଇବା ପାଇଁ ସେ ଏକ ଆକାଉଣ୍ଟ ନମ୍ବର ମଧ୍ୟ ଦେଇଥିଲେ। ବସନ୍ତଙ୍କ ନିର୍ଦ୍ଦେଶ ପ୍ରକାରେ ୨୦୨୩ ଜୁନ ୬ରେ ତାପସ ପ୍ରଥମେ ୨ଲକ୍ଷ ଏବଂ ୧୨ତାରିଖରେ ଏନଇଏଫଟି ମାଧ୍ୟମରେ ସରୋଜ ନାୟକଙ୍କ ଆକାଉଣ୍ଟକୁ ଅଧିକ ୩ଲକ୍ଷ ଟଙ୍କା ପଠାଇଥିଲେ। ତା'ପରେ ଦିଲ୍ଲୀ ଯାତ୍ରା ପାଇଁ ପୁଣି ବିମାନ ଟିକଟ୍ ବାବଦରେ ୨୦ହଜାର ଟଙ୍କା ପଠାଇଥିଲେ। ୧୩ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରେ ତାପସ ବେଲଗୁଣ୍ଠାର ରତ୍ନାକର ନାୟକଙ୍କ ପୁଅ ସରୋଜ ନାୟକଙ୍କୁ ଭେଟିବା ସହିତ ବସନ୍ତ ଦାସ ଏବଂ ସରୋଜ ନାୟକଙ୍କ ସହିତ ତାପସ ଦିଲ୍ଲୀ ଯାଇଥିଲେ। ସେଠାରେ ୧୪ତାରିଖ ସକାଳ ପ୍ରାୟ ୧୦ଟା ବେଳେ ସରୋଜ ନାୟକ ତାପସଙ୍କୁ ରେଳବିଭାଗର ଡିଆରଏମ୍ କାର୍ଯ୍ୟାଳୟକୁ ନେଇ ସେଠାରେ ଜଣେ ରେଳ ଅଧିକାରୀଙ୍କ ସହ ଏକ ବୈଠକର ଆୟୋଜନ କରିଥିଲେ। ଡିଆରଏମ ଅଫିସରେ ସମ୍ପୃକ୍ତ ଅଧିକାରୀ ଜଣକ ତାପସଙ୍କର ସମସ୍ତ ପ୍ରମାଣପତ୍ରର ଫଟୋକପି ସଂଗ୍ରହ କରିଥିଲେ। ଏକ ଫର୍ମ ପୂରଣ ସହ ଡାକ୍ତରୀ ପରୀକ୍ଷା ମଧ୍ୟ କରାଇଥିଲେ। ପରେ ୧୫ତାରିଖର ଅପରାହ୍ନ ୩ଟାରେ ତାପସଙ୍କୁ ଅଫର ଲେଟର ପ୍ରଦାନ କରାଯାଇଥିଲା। ୧୯ତାରିଖରେ ପୁଣି ଏନଇଏଫଟି ମାଧ୍ୟମରେ ସରୋଜ ନାୟକଙ୍କ ଆକାଉଣ୍ଟକୁ ଆଉ ୨.୫ଲକ୍ଷ ପଠାଇଥିଲେ ତାପସ। ତା'ପରେ ୨୭ତାରିଖରେ ତାପସଙ୍କୁ ଚାକିରିରେ ଯୋଗଦେବାକୁ ଏକ ପତ୍ର ଆସିଥିଲା। ଗତ ୨୦୨୩ ଜୁନ ୨୮ରେ ତାପସ ପୁଣି ଥରେ ସରୋଜ ନାୟକଙ୍କ ଆକାଉଣ୍ଟକୁ ଏନଇଏଫଟି ମାଧ୍ୟମରେ ଅଧିକ ୫ଲକ୍ଷ ପଠାଇଥିଲେ। ଅଫର ଲେଟର ଏବଂ ଫର୍ମ ପୂରଣରେ କିଛି ତ୍ରୁଟି ଥିବା ଦର୍ଶାଇ ସରୋଜ ନାୟକ ଅଧିକ ୧ଲକ୍ଷ ତାପସଙ୍କ ଠାରୁ ଦାବି କରିଥିଲେ। ତା'ପରେ ତାପସ ଓ ଅନ୍ୟ ଦୁଇଜଣ ମିଶି ୩ମାସର ଟ୍ରେନିଂ ପାଇଁ ଜୁଲାଇ ୪ତାରିଖରେ ମୁମ୍ବାଇ ଯାଇଥିଲେ। ସେଠାରେ ମୁମ୍ବାଇ ଡିଆରଏମ ଅଫିସରେ ଅଫର ଲେଟର ଏବଂ ସମସ୍ତ ପ୍ରମାଣପତ୍ରର ଫଟୋକପି ଦାଖଲ କରିଥିଲେ। ଜୁଲାଇ ୧୧ରେ ସରୋଜ ନାୟକ ତାପସଙ୍କ ଠାରୁ ପୁଣି ୧ଲକ୍ଷ ଟଙ୍କା ନେଇଥିଲେ। ଜୁଲାଇ ୧୫ରେ ମୁମ୍ବାଇ ଡ଼ିଆରଏମ କାର୍ଯ୍ୟାଳୟରେ ରିପୋର୍ଟ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେଠାରେ ତାପସଙ୍କ ସମସ୍ତ ସାର୍ଟିଫିକେଟ୍ କପି ଦାଖଲ କରିବା ପରେ ସରୋଜ ନାୟକଙ୍କ ନିର୍ଦ୍ଦେଶରେ ତାଙ୍କୁ ତାଲିମ ପାଇଁ ବେଲାପୁର ପରିବର୍ତ୍ତେ ଖଣ୍ଡେଶ୍ୱର ରେଳଷ୍ଟେସନକୁ ପଠାଯାଇଥିଲା। ସେଠାରେ କିଛିଦିନ ରହିବା ପରେ ସରୋଜ ନାୟକ ତାପସଙ୍କୁ ପୁନେ ରେଳଷ୍ଟେସନକୁ ସ୍ଥାନାନ୍ତର କରିଥିଲେ। ସେଠାରେ ମଧ୍ୟ ତାପସଙ୍କୁ ପରିଚୟପତ୍ର ମିଳିବା ସହିତ ସେପ୍ଟେମ୍ବର ୧୩ତାରିଖରେ ଅଧା ମାସର ଦରମା ବାବଦରେ ୧୯ହଜାର ୧୧୦ଟଙ୍କା ପାଇଥିଲେ। ସେଠାରେ ୩ମାସର ତାଲିମ ଶେଷ କରି ଘରକୁ ଫେରିଥିଲେ ତାପସ। ଗୋଟିଏ କିମ୍ବା ଦୁଇମାସ ମଧ୍ୟରେ ତାପସଙ୍କୁ ପୋଷ୍ଟିଂ ମିଳିବ ବୋଲି କହିଥିଲେ ସରୋଜ ନାୟକ। ତେବେ ଦୀର୍ଘମାସ ପରେ ମଧ୍ୟ ତାପସଙ୍କୁ କୌଣସି ପୋଷ୍ଟିଂ ମିଳିନଥିଲା। ୨୦୨୪ ଫେବୃୟାରୀ ୮ରେ ସରୋଜ ପୁଣି କିଛି କାମ ବାହାନାରେ ତାପସଙ୍କ ଠାରୁ ୩୦ହଜାର ଟଙ୍କା ଫୋନ ପେ' ମାଧ୍ୟମରେ ନେଇଥିଲେ। ୨୦୨୪ ମାର୍ଚ୍ଚ ୪ରେ ପୁଣି ଥରେ ତାଲିମ ପାଇଁ ତାପସଙ୍କୁ କୋଲକୋତା ନେଇଯାଇଥିଲେ ସରୋଜ। ସେଠାରେ କିଛି ନହେବାରୁ ୨୦ତାରିଖରେ ତାପସ ଘରକୁ ଫେରି ଆସିଲେ। ଉକ୍ତ ଦିନଠାରୁ ପ୍ରାୟ ଦୁଇବର୍ଷ ଧରି ସରୋଜ ନାୟକ ଏବଂ ବସନ୍ତ ଦାସ ଉଭୟେ ଚାକିରି ଆଶାୟୀ ତାପସଙ୍କ ଠାରୁ ପ୍ରାୟ ୧୪ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ତାପସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୩.୫ ବର୍ଷର ଶିଶୁ ରିଆନ୍ସ

ବ୍ରହ୍ମପୁର,୮ ।୭(ସମିସ): ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ବ୍ରହ୍ମପୁର ପ୍ରହଲ୍ଲାଦ ନଗରର ୩ ବର୍ଷ ୫ ମାସ ବୟସର ଶିଶୁ ରିଆନ୍ସ କୁମାର ସାହୁ। ଏହି କମ୍ ବୟସରେ ରିଆନ୍ସଙ୍କ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡ ପକ୍ଷରୁ ତାଙ୍କୁ "ଆଇବିଆର ଆଚିଭର' ଟାଇଟଲ ପ୍ରଦାନ କରାଯାଇଛି। ବ୍ରହ୍ମପୁର ପ୍ରହଲ୍ଲାଦ ନଗର ୨ୟ ଗଳିର କାଶୀନାଥ ସାହୁ ଓ ଝୁନୁ ସାହୁଙ୍କ ନାତୀ ରିଆନ୍ସ ଦେଶର ୨୮ଟି ରାଜ୍ୟର ନାମ ନିର୍ଭୁଲ ଭାବେ କହିପାରୁଥିବା ବେଳେ ୧୩ଟି ଜାତୀୟ ପ୍ରତୀକ ନାମ, ୨ ଓ ୩ ପଣିକିଆ, ସମସ୍ତ ବାର ଓ ମାସ କହିପାରୁଛନ୍ତି। ସେହିପରି ନିର୍ଦ୍ଧାରିତ ସମୟରେ ୧୫ଟି ସାଧାରଣ ଜ୍ଞାନର ଉତ୍ତର ଦେଇପାରୁଥିବା ବେଳେ




ଇଂରାଜୀର ଏ ଠାରୁ ଜେଡ୍ ଯାଏଁ ଲେଖିବା, ୧ ଠାରୁ ୪୦ ଯାଏଁ ସଂଖ୍ୟା ଲେଖିବା, ୮ଟି ଗ୍ରହର ନାମ କହିପାରୁଛନ୍ତି। ରିଆନ୍ସଙ୍କ ଏହି ପ୍ରତିଭାକୁ ନେଇ ତାଙ୍କ ପରିବାର ଲୋକେ ଇଣ୍ଡିଆ ବୁକ୍ ଅଫ ରେକର୍ଡସ ପାଇଁ ଆବେଦନ କରିଥିଲେ। ସେହିକ୍ରମରେ ଇଣ୍ଡିଆ ବୁକ୍ ଅଫ ରେକର୍ଡସ କର୍ତ୍ତୃପକ୍ଷ ବିଧିବଦ୍ଧ ଯାଞ୍ଚ ଓ ପ୍ରକ୍ରିୟା ସମାପ୍ତ କରିବା ପରେ ତାଙ୍କୁ ଟାଇଟଲ ସହ ମାନପତ୍ର, ମେଡାଲ ପ୍ରଦାନ କରିଥିଲେ। ତେବେ ରିଆନ୍ସଙ୍କ ଏହି ସଫଳତା ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲା ପାଇଁ ଗର୍ବର ବିଷୟ ବୋଲି ତାଙ୍କ ପିତା ଟୁଟୁ ସାହୁ ଓ ମାତା ଲକ୍ଷ୍ମୀ ସାହୁ କହିଛନ୍ତି।

## ବିଳମ୍ବରେ ଆସୁଛନ୍ତି ଡାକ କର୍ମଚାରୀ

ଗଞ୍ଜାମ,୮ ।୭(ସମିସ): ଗଞ୍ଜାମ ସହରରେ ରହିଥିବା ଉପ ଡାକଘର କର୍ମଚାରୀମାନେ ବିଳମ୍ବରେ ଆସୁଥିବା ନେଇ ପ୍ରଶ୍ନ ଉଠାଇଛି ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ। ପୂର୍ବାହ୍ନ ୯ଟାରେ ଡାକଘର ଖୋଲା ହେବା ସମୟ ରହିଥିବା ବେଳେ ପୂର୍ବାହ୍ନ ୧୦ ସମୟରେ କର୍ମଚାରୀ ଆସୁଥିବା ବରିଷ୍ଠ ନାଗରିକ ମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ କର୍ମଚାରୀ ମାନଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଲଟକା ଲାଗିବା ପରେ ୧୬ ଜଣଙ୍କ ଆତ୍ମସମର୍ପଣ

ଛତ୍ରପୁର,୮ ।୭(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳର ୨୧୭ ଜଣଙ୍କ ଘରେ ଆଗରେ ନୋଟିସ ଲଗାଯାଇଥିଲା। ଏହିମାନେ ଫେରାର ରହୁଥିବାରୁ ବିଭିନ୍ନ କୋର୍ଟରେ ଚାଲିଥିବା ମାମଲାର ଅଗ୍ରଗତିରେ ବିଳମ୍ବ ହେଉଥିଲା। ଯାହାଫଳରେ ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ ଚାଲିଥିଲା। କିପରି ଏହି ଅପରାଧିମାନେ କୋର୍ଟରେ ହାଜିର ହେବେ ସେନେଇ ପୁଲିସ ପକ୍ଷରୁ ସେମାନଙ୍କ ଘର ଆଗରେ ଲଟକା ଲଗାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ୮୪ ଓ ୮୫ ଧାରାରେ ଏହି ନୋଟିସ ଲଗାଯାଇଥିଲା। ଏବଂ ନୋଟିସ ଲଗାଯିବାର ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା। ନଚେତ ସେମାନଙ୍କ ସମ୍ପତି ବ୍ୟାଜାପ୍ତି ହେବ ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୧୭ ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ୧୬ ଜଣ ଆତ୍ମସମର୍ପଣ କରିଥିବା ବେଳେ ୫ଜଣଙ୍କୁ ପୁଲିସ ଧରିଥିବା ବେଳେ ୩ଜଣଙ୍କ ଦେହାନ୍ତ ଘଟିଛ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି। ପୁଲିସ ଏହି ଲଟକା ଲଗାଇବା ପରେ ବିଭିନ୍ନ ଥାନା ପକ୍ଷରୁ ସଫଳତା ହାସଲ କରିଛନ୍ତି, ଆଗକୁ ମଧ୍ୟ ଫେରାର ଅଭିଯୁକ୍ତ ମାନେ ଆତ୍ମସମର୍ପଣ କରିବାର ଆଶଙ୍କା ରହିଛି। ଗଞ୍ଜାମ ପୁଲିସ ଜିଲ୍ଲାର ୨୪ ଥାନା ପକ୍ଷରୁ ୨୧୭ଟି ଫେରାର ଅଭିଯୁକ୍ତଙ୍କ ଘରେ ଆଗରେ ନୋଟିସ ଲଗାଯାଇଥିଲା।

## ଫିରିଙ୍ଗିଆରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ଫିରିଙ୍ଗିଆ,୮।୭(ସମିସ): ବର୍ଷ ବର୍ଷ ଧରି ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରି ପ୍ରତାରିତ ହେବା ପରେ ପୁଣି ଥରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ଡ୍ରାଇଭର ମହାସଂଘ। ଫିରିଙ୍ଗିଆ ଡ୍ରାଇଭର ମହାସଂଘ ପକ୍ଷରୁ ଏହାକୁ ସମର୍ଥନ କରି ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ଫିରିଙ୍ଗିଆ ବ୍ଲକର ଶତାଧିକ ଡ୍ରାଇଭର ଫିରିଙ୍ଗିଆ ବ୍ଲକ ଛକ ନିକଟରେ ଆନ୍ଦୋଳନରେ ବସିଥିଲେ। ଦାବି ପୂରଣ ହେବା ଯାଏଁ ଆନ୍ଦୋଳନ ଜାରି ରହିବା ନେଇ ସଂଘ ତରଫରୁ କୁହାଯାଇଛି। ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଅଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନକୁ ଉପସଭାପତି ପୁଷ୍ପାଞ୍ଜଳି ସାହୁ, ସମ୍ପାଦକ ରମାକାନ୍ତ ପ୍ରଧାନ, ସହ ସମ୍ପାଦକ ନିର୍ମଳ ବେହେରା, କୋଷାଧ୍ୟକ୍ଷ ବାପିନା କହଁର, ମୁଖ୍ୟ ଆଡମିନ ଉମାକାନ୍ତ ହଂସ, ଉପଦେଷ୍ଟା ସାମନ୍ତ କୁମାର ସାହୁ ସହ ଅନ୍ୟମାନେ ପରିଚାଳନା କରିଥିଲେ। ସେହିପରି ଏହି ଫିରିଙ୍ଗିଆ ବ୍ଲକ ଗୋଛାପଡା ଶାଖା ତରଫରୁ ଗୋଛାପଡା ମୁଖ୍ୟ ଛକରେ ଧାରଣା ଦିଆଯାଇଥିଲା। ଶାଖା ସଭାପତି ତ୍ରିନାଥ ବିନ୍ଧାଣି, ସମ୍ପାଦକ ଆଲୋକ ସାହୁ, ଉପଦେଷ୍ଟା ସ୍ୱାଧୀନ ସାହୁ ଓ କୋଷାଧ୍ୟକ୍ଷ ବିହର କହଁରଙ୍କ ସହ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

## ସରିଲା ଘୋଷଯାତ୍ରା; ଫେରିଲେ ମହାବାହୁ

ଶେରଗଡ଼,୮ ।୭(ସମିସ): ରଥଯାତ୍ରାର ଅନ୍ତିମ ପର୍ବ ସୋମବାର ଶେଷ ହୋଇଛି। ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ମହାପ୍ରଭୁ ନିଳାଦ୍ରି ବିଜେ ହୋଇଛନ୍ତି। ଏଥିପୂର୍ବରୁ ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ ମହାପ୍ରଭୁ। ପରେ ସେଠାରୁ ମହାପ୍ରଭୁ ରତ୍ନ ସିଂହାସନ ବିଜେ କରିଥିଲେ। ମହାପ୍ରଭୁଙ୍କ ଏହି ମାନବୀୟ ଲୀଳା ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିଲା। ହରିବୋଲ ଓ ହୁଳହୁଳି ଧ୍ୱନିରେ ମନ୍ଦିର ଫାଟି ପଡୁଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଉପସ୍ଥିତ ଭକ୍ତଙ୍କ ଲାଗି ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଥିଲା। ନବ ଦିନ ବ୍ୟାପୀ ରଥଯାତ୍ରା ଶୃଙ୍ଖଳା ର ସହିତ ପାଳିତ ହୋଇଥିବାରୁ ଯାତ୍ରା କମିଟି ପକ୍ଷରୁ ଭକ୍ତ, ଯାତ୍ରାରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ବଜ୍ରପାତ ଯୋଗୁ ମୋବାଇଲ୍ ସେବା ପ୍ରଭାବିତ

କବିସୂର୍ଯ୍ୟନଗର,୮ ।୭(ସମିସ): ସୋମବାର କବିସୂର୍ଯ୍ୟନଗର ଅଞ୍ଚଳରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଇଣ୍ଡସ ଟାୱାର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବଜ୍ରପାତ ଯୋଗୁଁ କବିସୂର୍ଯ୍ୟନଗର ଠାରେ ଥିବା ଇଣ୍ଡସ ଟାୱାର (ଏୟାରଟେଲ ଫୋନ ଯୋଗାଯୋଗ ବାଧାପ୍ରାପ୍ତ ଟାୱାର)ର ବହୁତ ପରିମାଣରେ କ୍ଷୟକ୍ଷତି ହୋଇଛି। ଫଳରେ ମୋବାଇଲ ସେବା ପ୍ରଭାବିତ ହୋଇଛି।ଲୋକ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଖୁବଶୀଘ୍ର ସମସ୍ୟାର ସମାଧାନ କରିବା ସହ ଅଞ୍ଚଳବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାପାଇଁ ଦାବି ହେଉଛି।

# ନୂତନ ଅଫିସ ସହ ଭିତ୍ତିଭୂମି ଉନ୍ନତିକରଣ କରୁଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର,୮।୭(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ଅଫିସ ସ୍ଥାପନ ସହ ବିଦ୍ୟୁତ ବିତରଣ ନେଟୱର୍କ ଏବଂ ଉପଭୋକ୍ତା ସେବା ଆହୁରି ସୁଦୃଢ଼ ହୋଇଛି। ଭିତ୍ତିଭୂମି ବିକାଶ ଦିଗରେ କମ୍ପାନୀର ମିଶନକୁ ସାକାର କରିବାରେ ଏହି ଅତ୍ୟାଧୁନିକ ଅଫିସ ସହାୟକ ହେବ ଏବଂ ଗ୍ରାମାଞ୍ଚଳରେ ଉତ୍ତମ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବ।

ନବରଙ୍ଗପୁରରେ ନୂଆ ଡିଭିଜନ ଏବଂ ସବଡିଭିଜନ ଅଫିସ, ପାପଡ଼ାହାଣ୍ଡିରେ ଏକ ସମନ୍ୱିତ ସବଡିଭିଜନ ଏବଂ ସେକ୍ସନ ଅଫିସ, ମାଲକାନଗିରିର ବାଲିମେଳା ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ନୂତନ ସେକ୍ସନ ଅଫିସ ସ୍ଥାପିତ ହୋଇଛି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଲ୍‌ଡିଂକୁ ଡିଜାଇନ୍ କରାଯାଇଛି, ଯେଉଁଥିରେ ବିଲିଂ କାଉଣ୍ଟର, ଆଧୁନିକ ସୁବିଧା ଏବଂ ଉନ୍ନତ ମାନର ସେବା ଉପଲବ୍ଧ ଅଛି।

ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଅଫିସଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କର୍ମଚାରୀମାନେ ଚାରା ରୋପଣ କରିଥିଲେ, ଯାହା ପରିବେଶ ସୁରକ୍ଷା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ।

ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ଆମେ ବିଶ୍ୱାସ କରୁ ଯେ ଭିତ୍ତିଭୂମି ବିକାଶ ମାଧ୍ୟମରେ ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ସେବା ସୁନିଶ୍ଚିତ ହୋଇପାରିବ। ଏହି ନବନିର୍ମିତ ଅଫିସ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଉନ୍ନତ ବିଜୁଳି ଯୋଗାଣ ଦିଗରେ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନୂତନ ଭାବେ ଉଦ୍‌ଘାଟିତ ଅଫିସଗୁଡ଼ିକରେ କର୍ମଚାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ଗର୍ଗ ଟିମ୍ ସଦସ୍ୟମାନଙ୍କୁ ଅନୁଷ୍ଠାନର ସେବା ଓ ସମର୍ପଣ ଭଳି ମୌଳିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ।

- ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟରେ ନୂତନ ଅଫିସ ବିଲ୍ଡିଂ ଉଦ୍‌ଘାଟିତ
- କର୍ମଚାରୀଙ୍କ ସହ ଆଲୋଚନା କଲେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ
- ଉପଭୋକ୍ତାଙ୍କ ସୁବିଧା ଏବଂ ସଷ୍ଟେନେବିଲିଟି ଉପରେ ଗୁରୁତ୍ୱ

## ଆହତ ବାଛୁରିର ଚିକିତ୍ସାରେ ସହାୟତା କଲେ ବ୍ୟବସାୟୀ ସଂଘ



ବ୍ରହ୍ମପୁର,୮ ।୭(ସମିସ): ବ୍ରହ୍ମପୁର ମହାନଗର ନିଗମ ୨୨ନଂ ୱାର୍ଡ ଅନ୍ତର୍ଗତ କେ.କେ. ମାର୍କେଟ କମ୍ପ୍ଲେକ୍ସ ପରିସରରେ ଏକ ବାଛୁରୀର ଗୋଡ଼ରେ ଦୀର୍ଘଦିନ ଧରି ଆଘାତ ଲାଗିଥିଲା। ଫଳରେ ସେ ଯନ୍ତ୍ରଣା ଭୋଗୁଥିଲା। ଉପଯୁକ୍ତ ଚିକିତ୍ସା ଅଭାବରୁ ଏହି ସମସ୍ୟା ଗୁରୁତର ହୋଇଥିଲା। ଆହତ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ପୋକ ଲାଗିଯାଇଥିଲା। ଯାହା ସ୍ଥାନୀୟ କେ. କେ. କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ନଜରକୁ ଆସିଥିଲା। ଘଟଣା ସଂମ୍ପର୍କରେ ସେମାନେ ସରକାରଙ୍କ ପକ୍ଷରୁ ଜାରି ପଶୁ ସହାୟକ ନମ୍ବର ୧୯୬୨କୁ ଯୋଗାଯୋଗ କରିଥିଲେ। ପଶୁ ଚିକିତ୍ସାଳୟର କର୍ମଚାରୀ ଆମ୍ବୁଲାନ୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଆହତ ବାଛୁରୀଟିର ଚିକିତ୍ସା ଆରମ୍ଭ କରିଥିଲେ। ଉକ୍ତ ବାଛୁରୀଟିର କ୍ଷତ ସ୍ଥାନରେ ଅସ୍ତ୍ରୋପଚାର କରି ସ୍ପିରିଟ ଓ କର୍ପୂର ପକାଇବା ସହ ବେଣ୍ଡଜ୍ କରି ଇଞ୍ଜେକସନ ଦେଇଥିଲେ। ଏଥିରେ କେ. କେ. କମ୍ପଲେକ୍ସ ବ୍ୟବସାୟୀମାନେ ଯଥା ସମ୍ଭବ ସହଯୋଗ କରିଥିଲେ। ବ୍ୟବସାୟୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

